RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -280 ସଂଖ୍ୟା-୨୮୦
ଭୁବନେଶ୍ୱର, ଗୁରୁବାର ୨୨ ଜାନୁଆରୀ ୨୦୨୬
Bhubaneswar, Thursday 22 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ମହାପ୍ରଭୁଙ୍କ ଏଆଇ ଭିଡିଓ ଭାଇରାଲ୍ ଘଟଣା
# ଅପଲୋଡ୍ କରିଥିବା ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ନୋଟିସ୍

ପୁରୀ,୨୧।୧(ନି.ପ୍ର.): ମହାପ୍ରଭୁଙ୍କ ଏଆଇ ଭିଡିଓ ଭାଇରାଲ ଘଟଣା, ଆକ୍ସନ ମୋଡରେ ଶ୍ରୀମନ୍ଦିର ପ୍ରଶାସନ। ସାମାଜିକ ଗଣମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରାକୁ ବିକୃତ କରି ଏଆଇ ଭିଡିଓ ଭାଇରାଲ କରିବା ଘଟଣାକୁ ଗୁରୁତ୍ୱର ସହ ନେଇଛି ଶ୍ରୀମନ୍ଦିର ପ୍ରଶାସନ। ପୁରୀ ସାଇବର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି ପୁରୀ ଏସପି ପ୍ରତୀକ ସିଂ। ଏଥିସହ ଭିଡିଓ ଭାଇରାଲ ହୋଇଥିବା ୱେବସାଇଟକୁ ତଥ୍ୟ ମାଗିଛି ପୁରୀ ପୋଲିସ। ତେବେ କେଉଁ ଉଦ୍ଦେଶ୍ୟରେ ଏହି ଭିଡିଓ ପୋଷ୍ଟ କରାଯାଇଛି ତା'ର ତଦନ୍ତ ହେବ ବୋଲି ପୋଲିସ କହିଛି।

ସୋମବାର vishvrajcreation ନାମକ ଏକ ଇନଷ୍ଟାଗ୍ରାମ ଆଇଡିରୁ ମହାପ୍ରଭୁ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରିବାର ଅବାଞ୍ଛିତ ଶୈଳୀକୁ ନେଇ ପ୍ରସ୍ତୁତ ଭିଡିଓ ପୋଷ୍ଟ ହୋଇଥିଲା। ଯାହାକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଥିଲା। ଏଣୁ ଏନେଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଶାସନ ତରଫରୁ ସ୍ୱତନ୍ତ୍ର ସୁରକ୍ଷା ଅଧିକାରୀ ପୁରୀ ସିଂହଦ୍ୱାର ସାଇବର ଥାନାରେ ଏକ ଏଫ୍.ଆଇ.ଆର ମଧ୍ୟ ରୁଜୁ ହୋଇଥିଲା। ଏଆଇ ଦ୍ୱାରା ପ୍ରସ୍ତୁତ ଫଟୋରେ ମହାପ୍ରଭୁଙ୍କ ପାଦ ବି ଦେଖିବାକୁ ମିଳୁଛି। ଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁଙ୍କ ଉପରେ କ୍ରେନରେ ଦୁଗ୍ଧ ଢାଳିବା ଭଳି କୌଣସି ବିଧି ନଥିବାରୁ, ଏହା ଶ୍ରୀମନ୍ଦିରର ପରମ୍ପରା ସଂପର୍କରେ ଭ୍ରମ ସୃଷ୍ଟି କରୁଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏତଲା ଦିଆଯାଇଛି।


ସାଇବର ଥାନାରେ ମାମଲା

ଏଆଇ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିର୍ମିତ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଥିଲା। ଏସପି ପ୍ରତୀକ ସିଂ କହିଛନ୍ତି,'ଯେଉଁ ବ୍ୟକ୍ତି ଏହି ଭିଡିଓ ଅପଲୋଡ଼ କରିଛନ୍ତି, ତାଙ୍କୁ ପୋଲିସ ପକ୍ଷରୁ ଚିଠି ମାଧ୍ୟମରେ ଜବାବ୍ ତଲବ କରାଯାଇଛି । ଭିଡିଓ ପଛର କ'ଣ ଉଦ୍ଦେଶ୍ୟ ରହିଛି ତାର ସ୍ପଷ୍ଟୀକରଣ ମଗା ଯାଇଥିବା ବେଳେ ଘଟଣାର ତଦନ୍ତ ପରେ ଜଗନ୍ନାଥ ମନ୍ଦିର ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ କୌଣସି ବିକୃତ ଏବଂ ଭ୍ରମାତ୍ମକ ତଥ୍ୟ ଥିବା ଭିଡିଓ ସୋସିଆଲ ମିଡ଼ିଆରେ ଯେଉଁ ବ୍ୟକ୍ତି ଅପଲୋଡ କରିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।' ଜଗନ୍ନାଥ ପ୍ରେମୀଙ୍କ ଆସ୍ଥାକୁ ଦୃଷ୍ଟିରେ ରଖି ଏଭଳି କାର୍ଯ୍ୟ ନକରିବାକୁ ପରାମର୍ଶ ଦେଇଛନ୍ତି ଏସପି। ଅନ୍ୟପଟେ କୌଣସି ଲୋକ ମହାପ୍ରଭୁଙ୍କ ପରମ୍ପରାକୁ ନେଇ ବିକୃତ ନକରନ୍ତୁ ବୋଲି କହିଛନ୍ତି ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢୀ।

# ଜୁନ ସୁଦ୍ଧା ନୂଆ ୨୪ ଏନ୍ଏସି ଓ ପୌର ନିର୍ବାଚନ

ଭୁବନେଶ୍ୱର,୨୧।୧(ନି.ପ୍ର.): ଆସନ୍ତା ଜୁନ ସୁଦ୍ଧା ପୌର ନିର୍ବାଚନ ଶେଷ ହେବ । ନୂତନ ଘୋଷିତ ପୌରାଞ୍ଚଳରେ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ସରକାରଙ୍କୁ ରାଜ୍ୟ ନିର୍ବାଚନ ଆୟୁକ୍ତ ଚିଠି ଲେଖି ଅବଗତ କରିଛନ୍ତି ।

ନିୟମାନୁସାରେ ନୂତନ ଘୋଷିତ ପୌରାଞ୍ଚଳରେ ଛଅ ମାସ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବା କଥା । ଗତ ଡିସେମ୍ବର ମାସରେ ରାଜ୍ୟରେ ୨୪ଟି ଏନଏସି ଓ ପୌର ପାଳିକା ଘୋଷଣା କରିଥିଲେ । ସେଥିପାଇଁ ନିର୍ବାଚନ ହେବ । ଏଥିପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ କରିଛନ୍ତି । ବୈଠକରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର, ନିର୍ବାଚନ କମିଶନରଙ୍କ ସଚିବ ସନ୍ତୋଷ ଦାସ, ସମସ୍ତ ୮ଟି ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଓ ବ୍ରହ୍ମପୁର ମହାନଗର ନିଗମ କମିଶନର ଉପସ୍ଥିତ ଥିଲେ। ଆସନ୍ତା ଜୁନ୍ ଶେଷ ସୁଦ୍ଧା ସେ ସବୁ ସ୍ଥାନରେ ନିର୍ବାଚନ ଫଳାଫଳ ପ୍ରକାଶ କରିବା ସହ ପ୍ରଥମ ପରିଷଦ ବୈଠକ ବସିବ । ଏ ସଂପର୍କରେ ରାଜ୍ୟ ସରକାରଙ୍କୁ ରାଜ୍ୟ ନିର୍ବାଚନ ଆୟୁକ୍ତ ଚିଠି ଲେଖି ଅବଗତ କରିଛନ୍ତି । ଏହା ପୂର୍ବରୁ ୧୪ଟି ଜିଲ୍ଲାର ଘୋଷିତ ୨୪ଟି ଏନ୍ଏସିରେ ସୀମା ପୁନଃନିର୍ଦ୍ଧାରଣ ମାର୍ଚ୍ଚ ସୁଦ୍ଧା ଶେଷ ହେବ । ଏହାପରେ ଆସନ ସଂରକ୍ଷଣ କାମ ଶେଷ ହୋଇ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ । ସେହିପରି ଭୋଟର ତାଲିକା ପ୍ରସ୍ତୁତି ପାଇଁ ୪୫ ଦିନ ଓ ମତଦାନ ପ୍ରକ୍ରିୟା ପାଇଁ ୩୫ ଦିନ ସମୟ ଲାଗିବ।




ଜୁନ ଶେଷ ସୁଦ୍ଧା ସମସ୍ତ ନୂତନ ଏନ୍ଏସିରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ । ଗତ ଡିସେମ୍ବର ମାସରେ ରାଜ୍ୟ ସରକାର, ପାଳଲହଡ଼ା, ସିମୁଳିଆ, ସୋହେଲା, ତିହିଡି, ଧୂଷୁରୀ, ସାଲେପୁର, ବଡମ୍ବା, ନରସିଂହପୁର, ଗଁଦିଆ, ଜଗନ୍ନାଥପ୍ରସାଦ, ପାତ୍ରପୁର, ନର୍ଲା, ଜୟପାଟଣା, ଟାଙ୍ଗୀ, ବୋରିଗୁମ୍ମା, ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡା, କପ୍ତିପଦା, ରାସଗୋବିନ୍ଦପୁର, ବିଷମକଟକ, ବାମରା, ରେଙ୍ଗାଳି ଓ ବୀରମହାରାଜପୁରକୁ ଏନ୍ଏସି ମାନ୍ୟତା ପ୍ରଦାନ କରିଛନ୍ତି।

# ପୁଣି ଜୀବନ ନେଲା ଥାର୍

ଭୁବନେଶ୍ୱର,୨୧।୧(ନି.ପ୍ର.) : ପୁଣି ଜୀବନ ନେଲା ଥାର। ରାଜଧାନୀର ରାଜରାସ୍ତାରେ ଗଡିଲା ମୁଣ୍ଡ। ଭୟଭୀତ ଅବସ୍ଥାରେ ରାଜଧାନୀବାସୀ। କ୍ୟାପିଟାଲ ହସ୍ପିଟାଲ ଛକରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା। ଦ୍ରୁତ ବେଗରେ ଆସି ଏକ ବୁଲେଟ ବାଇକକୁ ଧକ୍କା ଦେଲା ଦେଇଥିଲା ଥାର। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କୁ ତୁରନ୍ତ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ଯୁବକ ହେଲେ ଓଲ୍ଡ ଟାଉନର ରାଜା ପେଦିନି ବୋଲି ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଂଚି ଥାର ଗାଡିକୁ ଅଟକ ରଖି ତଦନ୍ତ କରୁଛି।




## ରାଜଧାନୀ ରାଜରାସ୍ତାରେ ଗଡିଲା ମୁଣ୍ଡ

ସୂଚନା ଅନୁସାରେ, ଏକ ବୁଲେଟରେ ୩ ଜଣ କ୍ୟାପିଟାଲ ହସ୍ପିଟାଲ ଛକ ଦେଇ ଘରକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଅତି ଦ୍ରୁତଗତିରେ ଏକ ଥାର ଗାଡି ଆସି ବୁଲେଟକୁ ଧକ୍କା ଦେଇଥିଲା। ଯାହାଫଳରେ ଗାଡ଼ିରେ ଥିବା ୩ ଜଣ ଘୋଷାଡି ହୋଇ ରାସ୍ତା ପଡିଯାଇଥିବା ବେଳେ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏହାସହିତ ଦୁଇଜଣ ଗୁରୁତର ଭାବେ ଆହତ ହୋଇଥିଲେ। ତେଣୁ ଉଭୟଙ୍କୁ ହସ୍ପିଟାଲରେ ଭର୍ତି କରାଯାଇଛି ଚିକିତ୍ସା କରାଯାଉଛି। ତେବେ ଦୁର୍ଘଟଣା ଘଟାଇବା ପରେ ଥାର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନରହନ୍ତା ଥାର୍ ଏବଂ ଦୁର୍ଘଟଣାଗ୍ରସ୍ତ ବୁଲେଟକୁ ଜବତ୍ କରି ତଦନ୍ତ ଆରମ୍ଭ କରିଛି। ସେହିପରି ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରୁଛି କ୍ୟାପିଟାଲ ଥାନା ପୋଲିସ। ତେବେ ଗତ ରାକ୍ଷୀ ପୂର୍ଣ୍ଣମୀ ଦିନ ମଧ୍ୟ ଥାର୍ ଧକ୍କାରେ ଜଣେ ୮ ବର୍ଷର ଝିଅର ମୃତ୍ୟୁ ହୋଇଥିଲା। ୨ ଜଣ ଗୁରୁତର ହୋଇ ଏମ୍ସରେ ଚିକିତ୍ସିତ ହେଉଥିଲେ। ମାତ୍ର ପରେ ଚିକିତ୍ସିତ ଅବସ୍ଥାରେ ମା'ର ଜୀବନ ଚାଲିଯାଇଥିଲା। ଏହି ଘଟଣାକୁ ନେଇ ପ୍ରତିବାଦ ପରେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ଗିରଫ କରିଥିଲା ପୋଲିସ। ତେବେ ପୁଣି ଆଉ ଥରେ ସେହିପରି ଏକ ନରହନ୍ତା ଥାରରେ ଜଣଙ୍କର ଜୀବନ ଚାଲିଯାଇଛି। ତେଣୁ ସାଧାରଣରେ ଭୟ ସୃଷ୍ଟି ହୋଇଥିବା ବେଳେ ତୁରନ୍ତ ଦୁର୍ଘଟଣା ଘଟାଇଥିବା ଥାର ଚାଳକକୁ ଗିରଫ କରିବା ପାଇଁ ଦାବି ହୋଇଛି।

## ଭୁବନେଶ୍ୱରରୁ ଦୁବାଇ-ସିଙ୍ଗାପୁରକୁ ବନ୍ଦ ହେବ ବିମାନ ସେବା

ଭୁବନେଶ୍ୱର ୨୧।୧(ନି.ପ୍ର.):: ମାର୍ଚ୍ଚରୁ ଦୁବାଇ-ସିଙ୍ଗାପୁରକୁ ବିମାନ ସେବା ବନ୍ଦ। ଭୁବନେଶ୍ୱରରୁ ଦୁବାଇ-ସିଙ୍ଗାପୁରକୁ ବନ୍ଦ ହେବ ବିମାନ ସେବା। ଫଳରେ ୪୦ ହଜାର ଓଡିଆ ଏହାଦ୍ୱାରା ପ୍ରଭାବିତ ହେବେ। ଏହାପୂର୍ବରୁ ଭୁବନେଶ୍ୱରରୁ ଆବୁଧାବିକୁ ମଧ୍ୟ ସିଧାସଳଖ ବିମାନ ସେବା ଗତ ଡିସେମ୍ବରରୁ ବନ୍ଦ ହୋଇଯାଇଛି। ମାସଟେ ନପୂରୁଣୁ ଏବେ ଭୁବନେଶ୍ୱର ବିମାନ ବନ୍ଦରରୁ ଆଉ ୨ଟି ପ୍ରମୁଖ ଆନ୍ତର୍ଜାତୀୟ ବିମାନ ସେବା ବନ୍ଦ କରିବାକୁ ଯୋଜନା ରଖିଛି।

ମାର୍ଚ୍ଚ ୨୮ ପରେ ଦୁବାଇ ଓ ସିଙ୍ଗାପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଭୁବନେଶ୍ୱରରୁ ସିଧା ବିମାନ ସେବା ବନ୍ଦ ହୋଇଯିବ। ମାର୍ଚ୍ଚ ୨୮ ପରେ ଏହି ୨ଟି ରୁଟ୍ ରେ ସିଧା ବିମାନ ସେବା ପାଇଁ ଇଣ୍ଡିଗୋ ଅନଲାଇନ ବୁକିଂ ବନ୍ଦ ରଖିଛି। ଏନେଇ ଉଦବେଦ ପ୍ରକାଶ କରି ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି ଓଡିଆ ସମାଜ ଟଇର ସଂଗଠନ। ବିମାନ ଚଳାଚଳ କମ୍ପାନୀ ପକ୍ଷରୁ ଏସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କିଛି ସ୍ପଷ୍ଟ କରାଯାଉନାହିଁ। ଯାହାକୁ ନେଇ ଚିନ୍ତାପ୍ରକଟ କରି ମୁଖ୍ୟ ସଚିବଙ୍କୁ ଚିଠି ଲେଖିଲା ଓଡିଶା ସମାଜ। ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଜଣାଇବା ସହ ତୁରନ୍ତ ହସ୍ତକ୍ଷେପ ଲୋଡିଛି।

# ପ୍ରଥମ ଥର ପାଇଁ ଦେଢ଼ ଲକ୍ଷ ଟପିଲା ସୁନା ଦର

ଭୁବନେଶ୍ୱର,୨୧।୧(ନି.ପ୍ର.): ସୁନା ବଜାରରେ ନିଆଁ। ସୁନା ମୂଲ୍ୟରେ ଏବେ ସାରା ବିଶ୍ୱରେ ନିଆଁ ଲାଗିଛି। ପ୍ରଥମ ଥର ପାଇଁ ଭାରତୀୟ ବଜାରରେ ଦେଢ ଲକ୍ଷ ଟପିଛି ସୁନା ଦର। ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ରେଟ୍ ରହିଛି ୧ଲକ୍ଷ ୫୧ହଜାର ୪୭୫ ଟଙ୍କା। ସେହିପରି ୨୨ କ୍ୟାରେଟର ୧୦ ଗ୍ରାମ ପିଛା ଦର ରହିଛି ୧ଲକ୍ଷ ୩୭ହଜାର ୩୧୦ ଟଙ୍କା।



ଘରୋଇ ତଥା ଆନ୍ତର୍ଜାତିକ ବଜାରରେ ସୁନା ଏବଂ ରୂପା ମୂଲ୍ୟରେ ଅହେତୁକ ବୃଦ୍ଧି ଜାରି ରହିଛି। ବୁଧବାର ବଜାର ଖୋଲିବା ମାତ୍ରେ ସୁନା ଓ ରୁପାର ଦର ଆକାଶଛୁଆଁ ହୋଇଛି, ଯାହା ଗ୍ରାହକଙ୍କୁ ସ୍ତବ୍ଧ କରିଦେଇଛି। ଇତିହାସରେ ପ୍ରଥମ ଥର ପାଇଁ ସୁନା ଦର ଦେଢ଼ ଲକ୍ଷ ଟପିସାରିଛି। ସେହିପରି ରୂପା ଦରରେ ଅହେତୁକ ବୃଦ୍ଧି ଘଟି ଏକ କେଜି ପିଛା ୩ ଲକ୍ଷ ୪୦ ହଜାରରେ ପହଁଚିଛି।ଦିନକୁ ଦିନ ଦର ହୁ ହୁ ହୋଇ ବଢିଚାଲିଥିବାବେଳେ ବିବାହ ସିଜନରେ ମଧ୍ୟବିତ୍ତ ପରିବାର ଉପରେ ପ୍ରହାର ହୋଇଛି। ଭୂରାଜନୈତିକ କାରଣ ସହ ଇଣ୍ଡଷ୍ଟ୍ରିଆଲ ଡିମାଣ୍ଡ ଯୋଗୁଁ ବଢୁଛି ସୁନା ଦର। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିବା ଫଳରେ ଆମ ଦେଶରେ ସୁନା ଦାମ ଅଧିକ ବଢୁଛି। ସେହିଭଳି ସେୟାର ବଜାରରେ ଅନିଶ୍ଚିତତା ଦେଖାଦେଲେ ଲୋକେ ସୁନାରେ ପଇସା ଲଗାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଯାହା ଫଳରେ ଦିନକୁ ଦିନ ବଢିବାରେ ଲାଗିଛି ମୂଲ୍ୟ। ପ୍ରଥମ ଥର ପାଇଁ ଭାରତୀୟ ବଜାରରେ ଏହା ୧.୫ ଲକ୍ଷ ଟଙ୍କା ସୀମା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି।ଗତ ବର୍ଷଙ୍କ ମଧ୍ୟରେ ସୁନା ଏବଂ ରୂପ ଦରରେ ଅହେତୁକ ବୃଦ୍ଧି ଘଟିଛି। ୨୦୦୦ ମସିହାରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ଥିଲା ମାତ୍ର ୪,୪୦୦ ଟଙ୍କା ଗତ ୩୦ ବର୍ଷ ମଧ୍ୟରେ ଭାରତରେ ସୁନାର ମୂଲ୍ୟ ବାର୍ଷିକ ହାରାହାରି ୧୦.୮୩% ବଢିଛି।

# କଂଗ୍ରେସ ଯୁବ ନେତାଙ୍କ ଗୁଳିବିଦ୍ଧ ମୃତ ଦେହ ଉଦ୍ଧାର

ସୋନପୁର,୨୧।୧(ନି.ପ୍ର.): ସୋନପୁର ସହରର କଂଗ୍ରେସ ନେତାଙ୍କ ମୃତ୍ୟୁ ହୋଇଛି । ମୃତ କଂଗ୍ରେସ ନେତା ହେଲେ ରାଜେଶ ମିଶ୍ର । ନିଜ ବାସଭବନରେ ବନ୍ଦ କୋଠରୀରୁ ରାଜେଶଙ୍କର ଗୁଳି ବିଦ୍ଧ ମୃତ ଦେହ ଉଦ୍ଧାର ହୋଇଛି । ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି ।



ଗତକାଲି ବିଳମ୍ବିତ ରାତିରେ ସୁବର୍ଣ୍ଣପୁର ସହରର ଭଗବତୀ ପ୍ଲଟର ଥିବା ନିଜ ଘରେ ରାଜେଶ ନିଜକୁ ଗୁଳି କରିଦେଇଥିଲେ । ପରିବାର ଲୋକେ ଗୁଳି ଶବ୍ଦ ଶୁଣି କବାଟ ଭାଙ୍ଗି ରାଜେଶଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଁଚି ରାଜେଶଙ୍କ ମୃତ ଦେହକୁ ଜବତ କରିଛି । ରାଜେଶ ଆତ୍ମହତ୍ୟା କରିଥିବା ପ୍ରାଥମିକ ଯାଞ୍ଚରୁ ସ୍ପଷ୍ଟ ହୋଇଛି । ସେ ନିଜ ପାଖରେ ରଖିଥିବା ଲାଇସେନ୍ସ ପ୍ରାପ୍ତ ବନ୍ଧୁକରୁ ହିଁ ନିଜକୁ ଗୁଳି କରିଛନ୍ତି । ଏହି ଖବର ପ୍ରସାରିତ ହେବା ପରେ ସାରା ସୋନପୁର ସହରରେ ଚାଞ୍ଚଲ୍ୟ ଖେଳି ଯାଇଛି । ତେବେ ରାଜେଶ କାହିଁକି ଆତ୍ମହତ୍ୟା କଲେ ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ବଲାଙ୍ଗିରରୁ ସାଇଣ୍ଟିଫିକ୍ ଟିମ୍ ପହଁଚି ଛାନଭିନ୍ କରିବ ବୋଲି ଜଣାପଡ଼ିଛି ।

# ନକ୍ସାରୁ ଇରାନକୁ ହଟାଇ ଦେବି : ଟ୍ରମ୍ପ

ନୂଆଦିଲ୍ଲୀ,୨୧।୧(ନି.ପ୍ର.): ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ସଂପ୍ରତି ଚରମରେ ରହିଛି । ଉଭୟ ଦେଶ ପରସ୍ପରକୁ ଆକ୍ରମଣର ଧମକ ଦେବା ଯୁଦ୍ଧର ଆଶଙ୍କାକୁ ବଢାଇ ଦେଉଛି । ଇରାନରେ ଚାଲିଥିବା ହିଂସାତ୍ମକ ପ୍ରଦର୍ଶନ ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ କଠୋର ବୟାନ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି, ଯଦି ଇରାନରେ ସ୍ଥିତି ଏମିତି ଜାରି ରହେ ତେବେ ପୂରା ଦେଶ ଧ୍ୱଂସ ହୋଇଯିବ । ଏହି ବୟାନ ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ଆହୁରି ବଢି ଯାଇଛି ।



ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି, ଯଦି କୌଣସି ଘଟଣା ଘଟେ ତେବେ ଇରାନକୁ ଗମ୍ଭୀର ପରିଣାମ ଭୋଗିବାକୁ ପଡିବ । ମୁଁ ପୂର୍ବରୁ ମଧ୍ୟ ଚେତାବନୀ ଦେଇଛି ଯେ, ଯଦି କିଛି ଘଟେ ତେବେ ପୂରା ଦେଶ ଧ୍ୱଂସ ହୋଇଯିବ ।

ଇରାନ ପକ୍ଷରୁ ସଂପୂର୍ଣ୍ଣ ଯୁଦ୍ଧର ଚେତାବନୀ ମିଳିବା ଉପରେ ଟ୍ରମ୍ପ କହିଛନ୍ତି, ଯଦି କିଛି ହମଲା ହୁଏ ତେବେ ଇରାନକୁ ବିଶ୍ୱ ମାନଚିତ୍ରରୁ ହଟାଇ ଦେବି । ଇରାନ ମଧ୍ୟ ଟ୍ରମ୍ପଙ୍କୁ ଖୋଲା ଚେତାବନୀ ଦେଇଛି । ଇରାନୀ ସେନାର ମୁଖପାତ୍ର ଜେନେରାଲ ଅବୋଲଫଜଲ ଶେଖରଚି କହିଛନ୍ତି, ଯଦି ଦେଶର ସର୍ବୋଚ୍ଚ ନେତା ଅୟାତୁଲ୍ଲା ଅଲୀ ଖାମେନିଙ୍କ ବିରୋଧରେ ଆମେରିକା କୌଣସି ପଦକ୍ଷେପ ଉଠାଏ ତେବେ ଇରାନ ମୁହଁତୋଡ ଜବାବ ଦେବ । ଆମେ କେବଳ ହାତ କାଟିବୁ ନାହିଁ ପୂରା ଦୁନିଆ ଜଳାଇ ଦେବୁ ।

ଏହା ପୂର୍ବରୁ ଏକ ସାକ୍ଷାତକାରରେ ଟ୍ରମ୍ପ ଇରାନର ସର୍ବୋଚ୍ଚ ନେତା ଖାମେନିଙ୍କୁ ରୋଗୀଣ ମଣିଷ କହିଥିଲେ । ସେ କହିଥିଲେ, ଖାମେନିଙ୍କୁ ନିଜ ଦେଶ ଠିକରେ ଚଳାଇବା ଉଚିତ୍ ଏବଂ ହତ୍ୟା ବନ୍ଦ କରି ଦେବା ଉଚିତ୍ । ଏ ପର୍ଯ୍ୟନ୍ତ ଇରାନରେ ଆନ୍ଦୋଳନ ସମୟରେ ଅତି କମରେ ୪ ହଜାର ୫୧୯ ଜଣଙ୍କ ମୃତ୍ୟୁ ଘଟିଛି । ଏହା ସହିତ ୨୬ ହଜାର ୩୦୦ରୁ ଅଧିକ ଲୋକଙ୍କ ଗିରଫ କରାଯାଇଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଭେନେଜୁଏଲା ପ୍ରତି ତାଙ୍କର ପରିବର୍ତ୍ତିତ ମତ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଉଦାହରଣ ସ୍ୱରୂପ, ଭେନେଜୁଏଲା ଆମେରିକା ପାଇଁ ଏହାର ଜେଲ ଖୋଲି ଦେଇଥିଲା, ଏବଂ ଏହା ପୂର୍ବରୁ ସେ ଭେନେଜୁଏଲା ପ୍ରତି ଏତେ କଠୋର ଅନୁଭବ କରିବାର ଏକ କାରଣ ଥିଲା। କିନ୍ତୁ ବର୍ତ୍ତମାନ ସେ ଭେନେଜୁଏଲାକୁ ପସନ୍ଦ କରନ୍ତି କାରଣ ସେ କୁହନ୍ତି ଯେ ସେଠାକାର ସରକାର ଆମେରିକା ସହିତ ବହୁତ ଭଲ ଭାବରେ କାମ କରୁଛି ।

# ୧୫୦ ଜନସଂଖ୍ୟା ଥିବା ଗାଁକୁ ପକ୍କା ରାସ୍ତା : ମନ୍ତ୍ରୀ

ଭୁବନେଶ୍ୱର,୨୧।୧(ନି.ପ୍ର.) ଏଣିକି ରାଜ୍ୟର ଛୋଟ ଛୋଟ ଗାଁରେ ନିର୍ମାଣ ହେବ ପକ୍କା ରାସ୍ତା । ୨୦୨୭ ସୁଦ୍ଧା ଦେଢ ଶହ ଜନସଂଖ୍ୟା ଥିବା ସମସ୍ତ ଗାଁକୁ ପକ୍କା ରାସ୍ତା ନିର୍ମାଣ ହେବ ବୋଲି କହିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ।ବଜେଟ ଖର୍ଚ୍ଚ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କରାଯାଇଛି । ଏହି ସମୀକ୍ଷାରେ ବଜେଟ ଖର୍ଚ୍ଚକୁ ତ୍ୱାରନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଆସନ୍ତା ୩ ମାସରେ ଶତ ପ୍ରତିଶତ ବଜେଟ୍ ଖର୍ଚ୍ଚ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ୨୦୨୭ ସୁଦ୍ଧା ୭୫ ହଜାରରୁ ଅଧିକ ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ୩୦ ହଜାରରୁ ଅଧିକ ରାସ୍ତା ନିର୍ମାଣ ହୋଇଛି । ଏହି ନିର୍ମାଣଧୀନ ରାସ୍ତାଗୁଡ଼ିକୁ ସମୟ ସୀମା ମଧ୍ୟରେ ସମସ୍ତ କାମ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଗତ ସରକାରରରେ ୯୨ଟି ବ୍ରିଜ୍ ?କୁ ଆପ୍ରୋଚ୍ ରୋଡ୍ ନଥିଲା । କିନ୍ତୁ ଆମ ସରକାର ଆସିବା ପରେ ୫୦ଟି ବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ସରିଲାଣି । ଏବେ ଅନୁମୋଦିତ ବଜେଟର ୫୩ ପ୍ରତିଶତ ଖର୍ଚ୍ଚ ହୋଇସାରିଥିବାବେଳେ ବଳକା ବଜେଟ୍ ୩ ମାସରେ ଖର୍ଚ୍ଚ ସରିବ ବୋଲି ମନ୍ତ୍ରୀ କହିଛନ୍ତି ।



# ଫେବୃଆରୀରୁ ବିଧାନସଭା ବଜେଟ୍ ଅଧିବେଶନ
## ନୂଆ ଯୋଜନା ଓ ଘୋଷଣା ଉପରେ ସମସ୍ତଙ୍କ ନଜର

ଭୁବନେଶ୍ୱର,୨୧।୦୧ : ଓଡିଶା ବିଧାନସଭାର ବଜେଟ୍ ଅଧିବେଶନ ଫେବୃଆରୀ ତୃତୀୟ ସପ୍ତାହରୁ ଆରମ୍ଭ ହେବା ସମ୍ଭାବନା ରହିଛି । ସମ୍ଭବତଃ ଫେବୃଆରୀ ୧୫ରୁ ୨୦ ତାରିଖ ଭିତରେ ଏହି ଅଧିବେଶନ ଆରମ୍ଭ ହେବ ବୋଲି ସୂଚନା ମିଳୁଛି । ବର୍ଷର ସବୁଠାରୁ ବଡ ଅଧିବେଶନ ହୋଇଥିବାବେଳେ ଏହା ଦୁଇଟି ପର୍ଯ୍ୟାୟରେ ହେବ । ରାଜ୍ୟପାଳଙ୍କ ଅଭିଭାଷଣରୁ ଏହି ଅଧିବେଶନ ଆରମ୍ଭ ହେବ । ରାଜ୍ୟରେ କ୍ଷମତାକୁ ଆସିବା ପରେ ବିଜେପି ସରକାରଙ୍କ ପାଇଁ ଏହା ହେବ ତୃତୀୟ ବଜେଟ୍ ଅଧିବେଶନ । ଏଥର ବଜେଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପାଇଁ କ'ଣ ନୂଆ ଯୋଜନା ଓ ଘୋଷଣା ଉପହାର ଦେବେ, ତାହା ଉପରେ ସଭିଙ୍କ ନଜର ରହିଛି । ବଜେଟ ଅଧିବେଶନ ନେଇ ଚଳିତ ମାସ ଶେଷ କିମ୍ବା ଫେବୃଆରୀ ପ୍ରଥମ ସପ୍ତାହ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବା ସମ୍ଭାବନା ଅଛି ।

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ମୁମ୍ବାଇ ବିଜୟ

ମହାରାଷ୍ଟ୍ରରେ ବ୍ରିହନ ମୁମ୍ବାଇ ସମେତ ୨୯ଟି ପୌରମହାନଗର ନିଗମ ନିର୍ବାଚନରେ ରାଜ୍ୟରେ କ୍ଷମତାସୀନ ବିଜେପି ଏବଂ ଏହାର ଦୁଇ ସହଯୋଗୀ ଏକନାଥ ସିନ୍ଧେଙ୍କ ନେତୃତ୍ୱରେ ପରିଚାଳିତ ଶିବସେନା ଏବଂ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ୨୪ଟି ମହାନଗର ନିଗମରେ ବିଜୟୀ ହେବା ଗତ ନଭେମ୍ବରରେ ବିଧାନସଭା ନିର୍ବାଚନରେ ସେମାନଙ୍କର ଏକପାକ୍ଷିଆ ବିଜୟ ଅପ୍ରତ୍ୟାଶିତ ସୌଭାଗ୍ୟ ନଥିଲା ବୋଲି ସନ୍ଦେଶ ପ୍ରଦାନ କରେ। ବିଧାନସଭା ନିର୍ବାଚନରେ ବିଜେପି, ଶିବସେନା ଏବଂ ଏନସିପିକୁ ନେଇ ଗଠିତ ମହାୟୁତି ୨୮୮ଟି ଆସନ ମଧ୍ୟରୁ ୨୩୫ଟି ଆସନରେ ବିଜୟୀ ହୋଇ ମେ' ମାସରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ସହିଥିବା କ୍ଷତିକୁ ଭରଣା କରିବା ରାଜ୍ୟରେ ଜନମତ ଓଲଟାଇ ନିଜ ସପକ୍ଷରେ ଆଣିବାକୁ ବିଜେପି ସଫଳ ହୋଇଛି ବୋଲି କୁହାଯାଇପାରିବ। କହିବା ଯଥାର୍ଥ ହେବ ଯେ, ବିଧାନସଭା ନିର୍ବାଚନରେ ବିଜେପି ଯେଉଁ ସଫଳତା ହାସଲ କରିଥିଲା, ପୌର ମହାନଗର ନିବାଚନରେ, ତାହାର ପୁନରାବୃତ୍ତି ଘଟିଛି। ରାଜ୍ୟର ୨୯ଟି ମହାନଗର ନିଗମ ମଧ୍ୟରୁ ବିଜେପି ୧୬ଟି ପୌର ନିଗମରେ ଏକାକୀ ନିର୍ବାଚନ ଲଢିଥିବାବେଳେ ୧୩ଟି ଦଖଲ କରିବାରେ ସମର୍ଥ ହୋଇଛି। ଯାହାକି ସ୍ୱାଧୀନତାର ପ୍ରଥମ ଚାରି ଦଶନ୍ଧିରେ କଂଗ୍ରେସ ଦଖଲରେ ଥିଲା। ଏକଦା ମହାରାଷ୍ଟ୍ରରେ ଆଧିପତ୍ୟ ବିସ୍ତାର କରିଥିବା କଂଗ୍ରେସର ଶକ୍ତି, ସାମର୍ଥ୍ୟ ଏବଂ ପ୍ରଭାବ ଏବେ ରାଜ୍ୟରେ ହ୍ରାସ ପାଇବାରେ ଲାଗିଛି। କେବଳ ଏତିକି ନୁହେଁ, ଦେଶର ଆର୍ଥୀକ ରାଜଧାନୀ ଭାବେ ପରିଚିତ ତଥା ସବୁଠାରୁ ବିତଶାଳୀ ମର୍ଯ୍ୟାଦାଜନକ ମହାନଗର ନିଗମ ବିହ୍ରନ ମୁମ୍ବାଇ ମୁନିସ୍‌ପାଲ କର୍ପୋରେସନ (ବିଏମସି)ର ପ୍ରଶାସନ ଏବେ ବିଜେପି ନିୟନ୍ତ୍ରଣରେ। ଅବିଭାଜିତ ଶିବସେନାର ଦଖଲରେ ଗତ ତିନି ଦଶନ୍ଧି ଧରି ରହିଥିବା ବ୍ରିହନ ମୁମ୍ବାଇ ମହାନଗର ନିଗମକୁ ପ୍ରଥମ ଥର ପାଇଁ ବିଜେପି ତଥା ଟ୍ରିପୁଲ ଇଞ୍ଜିନ ପ୍ରଶାସନ ନିଜ ନିୟନ୍ତ୍ରଣକୁ ଆଣିବାରେ ସମର୍ଥ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହୋଇଥିବାବେଳେ ଏବେ ବିଏମସିରେ ମଧ୍ୟ ପରିଷଦ ଗଠନ କରିବାକୁ ସମର୍ଥ ହୋଇଛି। ବିଏମସିର ୨୨୭ଟି ୱାର୍ଡ ମଧ୍ୟରୁ ବିଜେପି ଏକାକୀ ୮୮ଟି ୱାର୍ଡରେ ବିଜୟୀ ହୋଇଥିବାବେଳେ ସହଯୋଗୀ ଶିବସେନା (ସିନ୍ଧେ) ୨୮ଟି, ଏନସିପି (ଅଜିତ) ୩ଟି, ଶିବସେନା (ୟୁବିଟି) ୬୬ଟି, କଂଗ୍ରେସ ୨୪ଟି, ଏମଏନଏସ ୬ଟି, ଏନସିପି (ଶରଦ୍) ଗୋଟିଏ ୱାର୍ଡରେ ବିଜୟୀ ହୋଇଛି। କହିବା ବାହୁଲ୍ୟ ଯେ, ୧୯୬୬ରେ ବାଲ୍ ଠାକରେ ଶିବସେନା ପ୍ରତିଷ୍ଠା କରିବା ବାହୁଲ୍ୟ ଯେ, ୧୯୬୬ରେ ବାଲ୍ ଠାକ୍‌ରେ ଶିବସେନା' ପ୍ରତିଷ୍ଠା କରିବା ପରେ ଗଲା ୩ଦଶନ୍ଧି ଧରି ମୁମ୍ବାଇରେ ପ୍ରଭାବ ବିସ୍ତାର କରିଥିଲା। ଇତି ମଧ୍ୟରେ ଶିବସେନା ବହୁବାର ବିଭାଜନର ସମ୍ମୁଖୀନ ହୋଇଥିବାବେଳେ ପ୍ରଥମ ଥର ଲାଗି ତଥା ଦଳର ପ୍ରତିଷ୍ଠାତାଙ୍କ ଜନ୍ମ ଶତବାର୍ଷିକୀରେ ମୁମ୍ବାଇ ଦଳ ହାତରୁ ଖସି ଯାଇଛି। କେବଳ ଏତିକି ନୁହେଁ, ଶିବ ସେନାର ନେତୃତ୍ୱ, ନାମ ଓ ସଂକେତ ମଧ୍ୟ ଠାକ୍‌ରେ ପରିବାରର ହାତରୁ ସିନ୍ଧେଙ୍କ ହାତକୁ ଚାଲିଯାଇଛି। ମହାନଗର ନିର୍ବାଚନରେ ଠାକ୍‌ରେ ପରିବାର ଏବଂ ପାୱାର ପରିବାରର ପୁର୍ନମିଳନ କୌଣସି ପ୍ରଭାବ ପକାଇ ପାରିନାହିଁ। ପୁନେରେ ଗତ କିଛି ଦଶନ୍ଧି ଧରି ଦବ୍‌ଦବା ଜାହିର କରିଆସିଥିବା ପାୱାର ପରିବାର ଏଥର ନିର୍ବାଚନରେ ବିଜେପି ଠାରୁ ଶୋଚନୀୟ ଭାବେ ପରାଜିତ ହୋଇଛି। ଦେଶର ବିତଶାଳୀ ତଥା ୭୫ହଜାର କୋଟି ବଜେଟର ମହାନଗର ନିଗମ ବ୍ରିହନ ମୁମ୍ବାଇ ଗତ ଚାରିବର୍ଷ ଧରି ପ୍ରଶାସନର ନିୟନ୍ତ୍ରଣରେ ରହିଥିଲା। କହିବା ବାହୁଲ୍ୟ ଯେ, ଗୋଆ ଏବଂ ହିମାଚଳ ପ୍ରଦେଶ ପରି ରାଜ୍ୟର ବଜେଟ ଠାରୁ ମୁମ୍ବାଇର ବଜେଟ ଅଧିକ ଥିବାବେଳେ ଗତ ଚାରି ବର୍ଷ ଧରି ବିନା ଲୋକପ୍ରତିନିଧିରେ କାର୍ଯ୍ୟ କରିଥିଲା। ଦେଶର ପ୍ରବେଶ ଦ୍ୱାର ଭାବେ ପରିଚିତ ମୁମ୍ବାଇକୁ ଆଉ ଏକ ସାଂଘାଇରେ ପରିଣତ କରିବାକୁ ୮୦ଦଶକରେ ଶରଦ୍ ପାୱାର ମୁଖ୍ୟମନ୍ତ୍ରୀ ଥିବାବେଳେ ଘୋଷଣା କରିଥିଲେ। ସେହିପରି ନାରାୟଣ ରାଣେ ମୁଖ୍ୟମନ୍ତ୍ରୀ ଥିବାବେଳେ ଏ ଦିଗରେ କିଛି ମାତ୍ରାରେ ଅଗ୍ରସର ହୋଇଥିବା ସମୟରେ ୨୦୦୪ରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହ ମୁମ୍ବାଇକୁ ଆଉ ଏକ ସାଂଘାଇ'ରେ ପରିଣତ କରିବା ଲାଗି ସଂକଳ୍ପ ଘୋଷଣା କରି ବନ୍ଦ୍ରା-ୱାର୍ଲି ସାଗରଲିଙ୍କ, ଉପକୂଳ ରାଜପଥ, ମେଟ୍ରୋ କରିଡର ଆଦିର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ୨୦୦୭ରେ ସିଙ୍ଗାପୁରର ପ୍ରତିଷ୍ଠାତା ଜନକ ଲିକୁନ ୟିଉ କହିଥିଲେ ଯେ, ମୁମ୍ବାଇକୁ ଯଦି ରାଜ୍ୟ' ମାନ୍ୟତା ଦିଆଯାଏ, ତେବେ ସିଙ୍ଗାପୁର ବା ସାଂଘାଇ ହୋଇପାରିବ। ମାତ୍ର ମୁମ୍ବାଇକୁ ସ୍ୱତନ୍ତ୍ର ରାଜ୍ୟ ଭାବେ ମାନ୍ୟତା ସ୍ୱପ୍ନ ଏବେ ବି ସ୍ୱପ୍ନରେ ରହିଯାଇଛି। ଏବେ ବ୍ରିହନ ମୁମ୍ବାଇ ଟ୍ରିପୁଲ ଇଂଜିନ ସରକାର ନିୟନ୍ତ୍ରଣକୁ ଆସିଥିବାରୁ ମୁମ୍ବାଇର ବାସିନ୍ଦା ବହୁତ କିଛି ଆଶାବାଦୀ ଏଥିରେ କିଛି ସନ୍ଦେହ ନାହିଁ।

# ପୁରୁଣା ହିନ୍ଦୁ ବିରୋଧୀ ନ୍ୟାରେଟିଭ

## ଡ.ସମନ୍ୱୟ ନନ୍ଦ

ଏହି ଲେଖାରେ ଶବ୍ଦ ଗୁଡିକୁ ଅତ୍ୟନ୍ତ ଚତୁରତାର ସହ ବ୍ୟବହାର କରାଯାଇ ଧାର୍ମିକ ଅସହିଷ୍ଣୁତା କାରଣରୁ ସମ୍ପୂର୍ଣ ଦକ୍ଷିଣ ଏସିଆରେ ଭୟ ବ୍ୟାପ୍ତ ଥିବା କଥା କୁହାଯାଇଛି । ଏଭଳି ଭାବେ ଏହି ଲେଖା ଲେଖାଯାଇଛି ଯେ, ଯେପରି କେବଳ ମୁସଲମାନ ହିଁ ଧାର୍ମିକ ଅସହିଷ୍ଣୁତା ସହ ସୀମିତ ନାହାନ୍ତି ବରଂ ସମଗ୍ର ଦକ୍ଷିଣ ଏସିଆ ଏହି ସମସ୍ୟାରେ ଜର୍ଜରିତ ରହିଛି । ମୁସଲମାନ ମାନେ ମଧ୍ୟ. ନିଜେ ଏହାର ଶୀକାର ଅଛନ୍ତି । ଏହି ସମ୍ପୂର୍ଣ ଲେଖାରେ ମୁସଲମାନ ସହକର୍ମୀ ମାନଙ୍କ ଦ୍ୱାରା ହିନ୍ଦୁ ଯୁବକର ହତ୍ୟାକୁ କମ ବୋଲି ଦର୍ଶାଯାଇଛି ଓ ଏଭଳି ଘଟଣାର ଅଭିଯୋଗକୁ ସମ୍ପୂର୍ଣ ଦକ୍ଷିଣ ଏସିଆ ଉପରେ ଲଦି ଦିଆଯିବାକୁ ଚେଷ୍ଟା କରାଯାଇଛି ।

ଗୋରା ଦେଶର ମିଡିଆ ଦ୍ୱାରା ସବୁବେଳେ ମୁସଲମାନ ମାନଙ୍କୁ ଆକ୍ରମଣକାରୀ ଭାବେ ନୁହେଁ ବରଂ ପୀଡିତ ବୋଲି ଦର୍ଶା ଯାଇଥାଏ । ଏହି ଘଟଣାରେ ମଧ୍ୟ ବର୍ବରତାର ସହ ହିନ୍ଦୁ ଯୁବକକୁ ମୁସଲମାନ ସହକର୍ମୀ ମାନଙ୍କ ଦ୍ୱାରା ହତ୍ୟା କରାଯାଇଥିବା ବେଳେ ହତ୍ୟାକାରୀ ମାନଙ୍କୁ ମୁସଲମାନ ବୋଲି କୁହା ନ ଯିବାକୁ ଚେଷ୍ଟା କରାଯାଇଛି । ଲେଖାରେ ହତ୍ୟାକାରୀ ମାନଙ୍କୁ ମୁସଲମାନ ବୋଲି ନ କୁହାଯାଇ କୋ ୱାର୍କର ଅର୍ଥାତ ସହକର୍ମୀ ବୋଲି କୁହାଯାଇଛି । ଦୀପୁ ଦାସଙ୍କୁ କଥିତ ଭାବେ ପ୍ରଫେଟ ମୋହମ୍ମଦଙ୍କ ଅପମାନ କରିବା କାରଣରୁ ହତ୍ୟା କରାଯାଇଛି । ନ୍ୟୁୟର୍କ ଟାଇମ୍ସ ଏହାକୁ ଫ୍ୟାକ୍ଟ ଭାବେ ଗ୍ରହଣ କରିଛି କାରଣ ଏଠାରେ ଜଣେ ହିନ୍ଦୁ ତାଙ୍କର ରିଲିଜିୟନ ଉପରେ ମନ୍ତବ୍ୟ ଦେଇଥିଲେ । ତେଣୁ ମୁସଲମାନ ମାନେ ତାର ଜବାବ ଦେଇଥିଲେ ଯାହା ଏକ ପ୍ରକାର ଠିକ । ନ୍ୟୁୟର୍କ ଟାଇମ୍ସ ଏହି ଲେଖାରେ ଲେଖିଛି, "କିନ୍ତୁ ଦଙ୍ଗା ଓ ଭୀଡ ହିଂସାର ଲହରୀ ମଧ୍ୟରେ ହୋଇଥିବା ଏହି କ୍ରୁର ହତ୍ୟା ବଙ୍ଗଳାଦେଶରେ ଗତ ବର୍ଷ ଛାତ୍ରଙ୍କ ନେତୃତ୍ୱରେ ହୋଇଥିବା ବିରୋଧ ପ୍ରଦର୍ଶନରେ କ୍ଷମତାସୀନ ପ୍ରଧାନମନ୍ତ୍ରୀଙ୍କୁ ଗାଦିଚ୍ୟୁତ କରାଯିବା ପରେ ତିଆରି ହୋଇଥିବା ଉତେଜନାପୂର୍ଣ ନେତୃତ୍ୱଶୂନ୍ୟତାକୁ ନେଇ ଚିନ୍ତା ବଢି ଯାଇଛି । " ଏଠାରେ ଅତ୍ୟନ୍ତ ଚତୁରତାର ସହିତ ମୁସଲମାନ ଭୀଡ ଦ୍ୱାରା କରାଯାଇଥିବା ଅପରାଧକୁ ବଙ୍ଗଳାଦେଶର ବିରୋଧ ପ୍ରଦର୍ଶନ ମଧ୍ୟରେ ଲୁଚାଇ ଦେବାକୁ ଚେଷ୍ଟା କରାଯାଇଛି। ଇସଲାମୀ କଟ୍ଟରପନ୍ଥୀ ମାନଙ୍କ ବିଚାରଧାରା କାରଣରୁ ଏହି ସଂଖ୍ୟାଲଘୁ ହିନ୍ଦୁ ଯୁବକକୁ ହତ୍ୟା କରାଯାଇଛି ଓ ବଙ୍ଗଳାଦେଶରେ ସଂଖ୍ୟାଲଘୁଙ୍କ ଆକ୍ରମଣ ବଢିଛି , ଏହାକୁ ଏହି ଗୋରା ମିଡିଆ ସ୍ୱୀକାର କରିବାକୁ ପ୍ରସ୍ତୁତ ନାହିଁ। ଏହି ପ୍ରସଙ୍ଗରେ ନ୍ୟୁୟର୍କ ଟାଇମ୍ସ ନିଜର ଏଜେଣ୍ଡା ବିଶିଷ୍ଟ ଲେଖାରେ ଭାରତକୁ ମଧ୍ୟ ଜୋର ଜବରଦସ୍ତି ଟାଣିବାକୁ ଚେଷ୍ଟା କରିଛି । ଏହି ଲେଖାରେ ଦାବି କରାଯାଇଛି ଯେ ହିନ୍ଦୁ ସତର୍କତା ସମୂହ ମାନେ ଭାରତରେ ମୁସଲମାନ ଓ ଅନ୍ୟ ସଂଖ୍ୟାଲଘୁ ମାନଙ୍କୁ ଟାର୍ଗେଟ କରୁଛନ୍ତି । ଏଥିରେ ନ୍ୟୁୟର୍କ ଟାଇମ୍ସ କୌଣସି ମନଗଢା (କ୍ରମଶଃ)

## ମଧ୍ୟ ପ୍ରଦେଶ ହାଇକୋର୍ଟ ଇନ୍ଦୋର ବେଞ୍ଚର ଘଟଣା.....

# ମାଞ୍ଜା କାଟୁଛି ଜୀବନ

## ସୌର ଚନ୍ଦ୍ର ମହାପାତ୍ର

'ପତଳା ଗୁଡ଼ିର ଦୌଡ଼ିର ପ୍ରଭାବରେ ଏକ ପେନସିଲ ଛିଣ୍ଡି ଯିବାରୁ କୋର୍ଟ ରୁମ ଏକ ପ୍ରକାର ନୀରବ ହୋଇଗଲା।' ଏହା ଗଣମାଧ୍ୟମର ଏକ ଖବର ହୋଇପାରେ କିମ୍ବା କୌଣସି ଚଳଚ୍ଚିତ୍ରର ଏକ ଛୋଟିଆ ଝଲକ ଆପଣଙ୍କ ପାଇଁ ହୋଇପାରେ। ମାତ୍ର ଆମେ ଉପସ୍ଥାପନ କରୁଥିବା ଘଟଣାଟି ସମ୍ପୂର୍ଣ୍ଣ ଭିନ୍ନ। ମାତ୍ର ମଧ୍ୟପ୍ରଦେଶ ହାଇକୋର୍ଟ ଇନ୍ଦୋର ବେଞ୍ଚରେ ମାଞ୍ଜା ସମ୍ପର୍କିତ ମାମଲାଟି ଜାତୀୟ ଗଣମାଧ୍ୟମରେ ପ୍ରମୁଖ ଶିରୋନାମା ସହିତ ପ୍ରକାଶିତ ହୋଇଛି। ଚାଇନିଜ ଗୁଡ଼ିର ବିପଦ କେତେ ଯେ ସାଙ୍ଘାତିକ, ଜୀବନ ଘାତକ ଓ ଭୟାନକ ତାହା କୋର୍ଟରେ ସାଧାରଣ ଭାବେ ହେଉଥିବା ତଥାକଥିତ ଯୁକ୍ତି ମାଧ୍ୟମରେ ନ କହିବା କରାଯାଇ କାର୍ଯ୍ୟରେ ପ୍ରଦର୍ଶନ କରାଯାଇ ପ୍ରମାଣିତ କରାଯାଇଥିଲା। ଚଳିତ ଜାନୁଆରୀ ୧୬ ତାରିଖ ଶୁକ୍ରବାରର ଘଟଣା ଶୁଣାଣି ସମୟରେ ମାନ୍ୟବର କୋର୍ଟର ବିଚାରପତିଙ୍କ ସମ୍ମୁଖରେ ଏକ ନିଷିଦ୍ଧ କରାଯାଇଥିବା ନାଇଲନ ଗୁଡ଼ି ସୂତା ଉପସ୍ଥାପିତ ହୋଇଥିଲା। ଏହାକୁ ବିଧିବଦ୍ଧ ଭାବେ ବିଚାରପତି ଆଲୋକ ଅବସ୍ଥି ଓ ବିଜୟ କୁମାର ଶୁକ୍ଳା ଯାଞ୍ଚ କରି ସୂତାଟି ଏକ ପେନସିଲ ଉପରେ ରଖି ଟଣା ଯାଇଥିଲା। ଏହା ପେନସିଲକୁ କାଟି ଦେବାରେ ସମର୍ଥ ହୋଇଥିଲା। ଖଣ୍ଡପୀଠ ବିଚାର ଦେଇଥିଲେ ଯେ ଯଦି ଏକ କଠିନ ପେନସିଲକୁ ମାଞ୍ଜା ଏତେ ସହଜରେ କାଟି ଦେଇପାରୁଛି ତେବେ ଏହା ଯୋଗୁଁ ମଣିଷଙ୍କ ଜୀବନ ପ୍ରତି ବିପଦ ଥିବା ସ୍ପଷ୍ଟ ପ୍ରମାଣିତ ହେଉଛି। କେବଳ ଏତିକି ନୁହେଁ କୋର୍ଟ ମଧ୍ୟ କହିଛନ୍ତି ଯଦି କର୍ତ୍ତୃପକ୍ଷ ଏହି ବିପଦକୁ ନିୟନ୍ତ୍ରଣ କରିବାରେ ବିଫଳ ହୁଅନ୍ତି ତେବେ ସେମାନଙ୍କ ପାଖରେ ସମ୍ପୂର୍ଣ୍ଣ ଭାବରେ ଗୁଡ଼ି ଉଡାଣକୁ ନିଷିଦ୍ଧ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଆଉ ରହିନପାରେ। ମାନ୍ୟବର କୋର୍ଟ ବେଶ ସ୍ପଷ୍ଟ କରିଥିଲେ ଯେ ଚାଇନିଜ ମାଞ୍ଜା, ବିକ୍ରୟ କିମ୍ବା ବ୍ୟବହାର କରୁଥିବା ଯେ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କେବଳ ସେତିକି ନୁହେଁ ଯଦି ନାବାଳକମାନେ ନିଷିଦ୍ଧ ସୂତା ବ୍ୟବହାର କରି ଧରା ପଡ଼ନ୍ତି ଏଥି ନିମିତ୍ତ ସେମାନଙ୍କ ଅଭିଭାବକଙ୍କୁ ଆଇନଗତ ଭାବେ ଦାୟୀ କରାଯିବ। ଏଠାରେ ସୂଚନା ଥାଉକି ପରିସଂଖ୍ୟାନର ତଥ୍ୟକୁ ଦେଖି କୋର୍ଟ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଭାରତର ଅନ୍ୟତମ ସୁରକ୍ଷିତ ସହର ମାନ୍ୟତାରେ ସ୍ଥାନ ପାଇଥିବା ଇନ୍ଦୋରରେ ଚାଇନିଜ ଗୁଡ଼ିର ସୂତା ଯୋଗୁଁ ତିନିଜଣଙ୍କର ଅକାଳରେ ଜୀବନ ଦୀପ ନିର୍ବାପିତ ହୋଇଯାଇଛି। ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି ଏବଂ ଅଗଣିତ ପକ୍ଷୀ ସୂତାରେ ମଧ୍ୟ ଫସି ମରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଜାରରେ ଏବେ ଅତି ପତଳା ଭାବେ କେବଳ ବାଇକ ଆରୋହୀ ନୁହଁନ୍ତି ଏପରିକି ପଥଚାରୀମାନେ ମଧ୍ୟ ଖୁବ ସହଜରେ ଏହି ଜୀବନ ଘାତକ ଗୁଡ଼ିର ମାଞ୍ଜା ସୂତାକୁ ଦେଖି ପାରୁନାହାଁନ୍ତି। କେହି କେହି ହଠାତ୍ ଦେଖି ଗାଡ଼ି ବ୍ରେକ ମାରି ମଧ୍ୟ ସଡ଼କ ଦୁର୍ଘଟଣାର ଶିକାର ହେଉଛନ୍ତି।

ଭାତ ହାଣ୍ଡିରୁ ଗୋଟିଏ ପରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରକୁ ଦେଖାଯାଉ। ମକର ସଂକ୍ରାନ୍ତିର ଢ଼େର ପୂର୍ବରୁ ଗୁଡ଼ି ଉଡାର ଆଦର ଉଦବେଗଜନକ ଭାବେ ବଢୁଥିବାରୁ ଏବଂ ବଜାରରେ ଅନ୍ୟ ଗୁଡ଼ିକୁ କାଟିବା ପାଇଁ ତୀକ୍ଷୀଣ ଦ୍ରବ୍ୟର ଉପଯୋଗ କରାଯାଇ ଯେଉଁପରି ନୂଆ ନୂଆ ଗୁଡ଼ି ସବୁ ପ୍ରସ୍ତୁତ ହେଉଛି ଏହାର ଉତ୍ପାଦନ, ବିକ୍ରୟ ଓ ବ୍ୟବହାର ଉପରେ ସରକାରୀ ନୀତି ନିୟମ ଅନେକ ନିଷେଦ୍ଧାଦେଶ ଥିବା ସତ୍ତ୍ୱେ ଏହା ଫଳପ୍ରଦ ହୋଇପାରୁନାହିଁ। ସରକାରୀ କାଗଜପତ୍ରରେ କାର୍ଯ୍ୟାନୁଷ୍ଠାନର ଦାବୀ ରହୁଥିଲେ ମଧ୍ୟ ବାସ୍ତବତା ଭିନ୍ନ କାହାଣୀ କହୁଛି। ଗଣମାଧ୍ୟମରେ ତଥ୍ୟ ଯେତିକି ପ୍ରକାଶ ପାଇଛି କେବଳ କଟକ-ଭୁବନେଶ୍ୱରରେ ମାତ୍ର ଦୁଇସପ୍ତାହରେ ଦଶରୁ ଉର୍ଦ୍ଧ୍ୱ ଜଣଙ୍କର ବେକ ଓ ମୁହଁ କଟିଯାଇ ସେମାନେ ଗୁରୁତର ହୋଇଛନ୍ତି। କିନ୍ତୁ ଗୁଡ଼ି ଉଡାଉଥିବା ବ୍ୟକ୍ତିବିଶେଷକୁ ଗିରଫ କରି ଦଣ୍ଡ ବିଧାନର ବ୍ୟବସ୍ଥା କେଜାଣି କାହିଁ ଦେଖାଯାଉ ନାହିଁ। ଗୁଡ଼ି ଉଡା ବର୍ତ୍ତମାନ ଏପରି ଏକ ଆତଙ୍କ ଭାବରେ ଦେଖାଦେଇଛି ଯେ କେବଳ ସହରାଞ୍ଚଳ ନୁହେଁ ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳରେ ବିଶେଷକରି ମକର ସଂକ୍ରାନ୍ତି ସମୟରେ ଗୁଡ଼ିଉଡା ଖୁବ ଜୋରଦାର ଭାବେ ଆୟୋଜନ



ହୋଇଥାଏ। ଇନ୍ଦୋର ବେଞ୍ଚରେ ମାନ୍ୟବର ଖଣ୍ଡପୀଠ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଏହା ସହ ଆହତ ଯାତ୍ରୀ, ବିକୃତ ପକ୍ଷୀ ଓ କଟା ଗଳାର ଫଟୋକୁ ଉଲ୍ଲେଖ କରି କହିଛନ୍ତି ବାସ୍ତବିକ ଖବର କାଗଜରେ ପ୍ରକାଶିତ ଏହି ଫଟୋଗୁଡ଼ିକ ଅତ୍ୟନ୍ତ ହୃଦୟ ବିଦାରକ।

କୋର୍ଟ ଏହା ସ୍ପଷ୍ଟ କରିଛନ୍ତି ପ୍ରତିବର୍ଷ ଗୁଜୁରାଟରେ ବେଶ ଧୁମଧାମରେ ଗୁଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଥାଏ। କିନ୍ତୁ ସେଠାରେ ମୃତ୍ୟୁସଂଖ୍ୟାର ରିପୋର୍ଟ ତୁଳନାତ୍ମକ ଭାବେ କମ୍। ଏ ମାମଲାରେ ମାନ୍ୟବର ହାଇକୋର୍ଟ ମଧ୍ୟପ୍ରଦେଶର ମୁଖ୍ୟ ସଚିବଙ୍କୁ ଚାଇନିଜ ଗୁଡ଼ି ସୂତାକୁ ବ୍ୟବହାର ନ କରିବା ପାଇଁ କଠୋର ନୀତି ପ୍ରଣୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ପରିସ୍ଥିତି ନିୟନ୍ତ୍ରଣ ଭିତରେ ନ ରହେ ତେବେ ବାଧ୍ୟ ହୋଇ ଗୁଡ଼ି ଉଡାଣ ଉପରେ ନିଷେଦ୍ଧାଦେଶ ଲାଗିବ ବୋଲି ଚେତାବନୀ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇପାରେ କି ୧୧ ଡିସେମ୍ବର ୨୦୨୫ରେ ଇନ୍ଦୋର ଏବଂ ସନ୍ନିକଟ ଜିଲ୍ଲା ଗୁଡ଼ିକରେ ଚାଇନିଜ ମାଞ୍ଜାର ଉତ୍ପାଦନ, ବିକ୍ରିୟ ଓ ବ୍ୟବହାରକୁ ନିଷିଦ୍ଧ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୨ ଜାନୁଆରୀ ୨୦୨୬ରେ କୋର୍ଟ ଦୁର୍ଘଟଣା ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏତେ କଠୋର ନିର୍ଦ୍ଦେଶ ଓ କଟକଣା ସତ୍ତ୍ୱେ ଗତ ମକର ସଂକ୍ରାନ୍ତିରେ ଅନେକ ମାରାତ୍ମକ ଓ ଦୁର୍ଭାଗ୍ୟଜନକ ଘଟଣା ସବୁ ଘଟିଛି। ମାନ୍ୟବର କୋର୍ଟ ଏହାକୁ ଦୁର୍ଭାଗ୍ୟଜନକ ଭାବେ ମନ୍ତବ୍ୟ ଦେଇ ଆଦେଶ ପରେ ମଧ୍ୟ ମୃତ୍ୟୁ ଜାରି ରହିଥିବାରୁ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଚାଇନିଜ ଗୁଡ଼ା ସୂତା ଦ୍ୱାରା ହେଉଥିବା ଯେକୌଣସି ମୃତ୍ୟୁକୁ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୧୦୬ (୧) ଅନୁଯାୟୀ ହତ୍ୟା ମାମଲା ଭାବେ ଗ୍ରହଣ କରାଯିବ।

ଗତ ବର୍ଷ କଟକ କଲେଜଛକ ଅଞ୍ଚଳର ଜଣେ ଛାତ୍ର ଗୁଡ଼ି ଉଡା ମାଞ୍ଜା ଦ୍ୱାରା ତାଙ୍କ ବେକ କଟିଯାଇ ଦୀର୍ଘ ଦିନ ଚିକିତ୍ସା ପରେ ସେ କିନ୍ତୁ ଆରୋଗ୍ୟ ଲାଭ କରିପାରି ନଥିଲେ। ନିୟମିତ ଭାବେ ପ୍ରଶାସନ ପକ୍ଷରୁ ବେଳେ ବେଳେ କିଛି ଦୋକାନ ଉପରେ ଚଢ଼ାଉ କରାଯାଏ କିନ୍ତୁ ପରବର୍ତ୍ତୀ ସମୟରେ ଯଥୌତତୌ ଅବସ୍ଥା। ଆଗକାଳେ ଆମ ପିଲାଦିନେ ବେଶ ଭଲ ଭାବେ ମନେ ଅଛି କେନ୍ଦୁଅଠା ସଂଗ୍ରହ କରି ଏହି ଦେଶୀୟ ସୁତୁଲୀରେ ହିଁ ଗୁଡ଼ି ଉଡା ହେଉଥିଲା। କିନ୍ତୁ ଏବେ ବିପଜ୍ଜନକ ଭାବେ କାଚ ଓ ବିଭିନ୍ନ ତୀକ୍ଷିଣ, ବିଷାକ୍ତ ସାମଗ୍ରୀ ବ୍ୟବହାର କରାଯାଇ ନାଇଲନ ସୂତାକୁ ଏପରି ଘାତକ ଭାବେ ପ୍ରସ୍ତୁତ ହେଉଛି ଏହା ମୃତ୍ୟୁର ଫାନ୍ଦ କହିଲେ ଅତ୍ୟୁକ୍ତି ହେବନାହିଁ। ଅନ୍ୟ ଜଣଙ୍କର ଗୁଡ଼ିକୁ କଟାଇବା ପାଇଁ ଏ ସବୁ ବ୍ୟବସ୍ଥା ଗ୍ରହଣ କରାଯାଏ। ବଜାରରେ ଏହି ତୀକ୍ଷିଣ ଓ ବିଷାକ୍ତ କରୁଥିବା ସୂତାର ଦାମ ମଧ୍ୟ ବହୁ ମୂଲ୍ୟର। ପ୍ରତିଦ୍ୱନ୍ଦ୍ୱୀର ଗୁଡ଼ିକୁ ଯେନତେନ ଭାବରେ କାଟିବା ଓ ଗୁଡ଼ି ଉଡା ପ୍ରତିଯୋଗୀତାରେ ନିଜ ଗୁଡ଼ି ଶ୍ରେଷ୍ଠତା ଅର୍ଜନ କରି ଅନ୍ୟ ଜଣଙ୍କ ଗୁଡ଼ିକୁ କାଟିବାର ଯେଉଁ ତୀବ୍ର ମାନସିକତା ହିଁ ବର୍ତ୍ତମାନ ଗୁଡ଼ିଉଡାକୁ ଏକ ବିପଜ୍ଜନକ ଖେଳ ଆଡ଼କୁ ନେଇଗଲାଣି। ସେହିପରି ଗୁଡ଼ି ଉଡା ସମୟରେ ଆଉ ଏକ ପରୋକ୍ଷ ଜନିତ ଦୁର୍ଘଟଣାରେ ମଧ୍ୟ ଧନଜୀବନ ହାନି ହୁଏ। ଛାତ ଉପର, ଉଚ୍ଚ ବାଲକୋନୀ, ଉଚ୍ଚ ସ୍ଥାନରେ ଗୁଡ଼ି ଉଡାଇବା ସମୟରେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କ ଗୁଡ଼ି ସାମ୍ନାକୁ ଆସିଯିବା ମାତ୍ରେ ଜଣେ ଅତ୍ୟନ୍ତ ଭାବ ପ୍ରବଣ ହୋଇଯାଏ ଯାହାର ପରିଣାମ ସ୍ୱରୂପ ସ୍ଥାନ, କାଳ, ପାତ୍ର ସବୁ ଭୁଲିଯାଇ ଗୋଡ଼ର ପାଦ ଏପଟ ସେପଟ ହୋଇଯିବା ଦ୍ୱାରା ଅଭାବନୀୟ ଦୁର୍ଘଟଣା ଘଟିଯାଏ। ଅକାଳରେ ଅନେକଙ୍କ ଜୀବନ ଦୀପ ମଧ୍ୟ ନିର୍ବାପିତ ହୋଇଯାଏ। ସହରରେ ଆମେ ଯିବା ଆସିବା କଲାବେଳେ ଦେଖିଛୁ ପିଲାମାନେ ତଳେ ଛିଣ୍ଡି ପଡିଯାଉଥିବା କୌଣସି ଗୁଡ଼ିକୁ ସଂଗ୍ରହ କରିବା ପାଇଁ ଏପରି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାଲି ଆସନ୍ତି ସେମାନେ ଆସନ୍ନ ବିପଦ ବା ପରିସ୍ଥିତି ସବୁକିଛିକୁ ଭୁଲି ଯାଆନ୍ତି। ଗାଡ଼ିରେ ବାଡ଼େଇ ହୋଇଯିବା, ଅଲକ୍ଷ୍ୟରେ ଜଣଙ୍କ ଦେହରେ ପିଟି ହୋଇଯିବା, କିମ୍ବା କୌଣସି ବଡ଼ ଦୁର୍ଘଟଣାକୁ ମଧ୍ୟ ସାମ୍ନା କରିଥାନ୍ତି। ବେଳେ ବେଳେ ଗୁଡ଼ିର ବିଷାକ୍ତ ତାର ବା ପଦାର୍ଥ ଆଖିରେ ପଡ଼ିଯିବା ଦ୍ୱାରା କେତେକ କ୍ଷେତ୍ରରେ ଚକ୍ଷୁ ନଷ୍ଟ ମଧ୍ୟ ହୋଇଯାଏ। ଏପରି ଅନେକ ଉଦାହରଣ ଅଛି। ଆଉ ଗୁଡ଼ି ଉଡା ଭିତରେ ଉଗ୍ର ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ଭୟାନକ ପରିସ୍ଥିତି ମଧ୍ୟ ସୃଷ୍ଟି କରିଥାଏ। ଭାରତୀୟ ପରମ୍ପରାରେ ଗୁଡ଼ିଉଡା ଭାଇଚାରା, ଆନନ୍ଦ ଉଲ୍ଲାସ ଓ ଜୀବନ ଚେତନାର ଉତ୍ସ । ଆମେ ମୁକ୍ତ ବିହଙ୍ଗ ପରି ଭଗବାନଙ୍କ ଆଶୀର୍ବାଦ ହିଁ ପ୍ରାପ୍ତ ହେଉଛୁ, ଗୁଡ଼ିଉଡା ଏହି ମହାନ ଭାବନା ଆମ ସମସ୍ତଙ୍କୁ ପ୍ରେରିତ କରୁ। ଗୁଡ଼ି ଉଡା ଆନନ୍ଦର ଉଲ୍ଲାସର ପାର୍ବଣ ହେଉ ଏହା ଦୁଃଖଦ ସ୍ମୃତିର କାହାଣୀ ନହୋଇ।

ବରିଷ୍ଠ ଆଇନଜୀବୀ ଓ ସଭ୍ୟ ଓଡ଼ିଶା ଆଇନ କମିଶନ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ , E-mail : sourachandramohapatra16@gmail.com

# ପ୍ରଭାବଶାଳୀ ବ୍ୟକ୍ତିତ୍ୱ ପାଇଁ ତିନୋଟି ଉପାଦାନ

## ଲକ୍ଷ୍ମୀକାନ୍ତ ପ୍ରଧାନ

"ପ୍ରଭାବଶାଳୀ ବ୍ୟକ୍ତିତ୍ୱ" ଏକ ଏପରି ଉପାଦାନ ଯାହାଦ୍ୱାରା ମନୁଷ୍ୟର ମର୍ଯ୍ୟାଦା ବୃଦ୍ଧି ପାଇଥାଏ । ସମାଜରେ ମାନସମ୍ମାନ ବୃଦ୍ଧି ପାଇଥାଏ । ପ୍ରତ୍ୟେକ ସ୍ଥାନରେ ଆଦର ପାଇଥାଏ । ନିଜ ଲକ୍ଷ୍ୟ ପଥରେ ସଫଳତାର ସହ ଅଗ୍ରସର ହୋଇଥାଏ । ଏହା ବ୍ୟବହାର, ମାନସିକତା ଏବଂ ଭାବନାର ଏକ ଅନନ୍ୟ ସମ୍ମିଶ୍ରଣ ଅଟେ ।

ବ୍ୟକ୍ତିତ୍ୱର ବିକାଶ –

ଜନ୍ମରୁ ବ୍ୟକ୍ତିତ୍ୱର ବିକାଶ ହୁଏ ଏବଂ ବୟସ ବଢ଼ିବା ସହିତ ଏହା ବିକାଶ ଲାଭ କରିଥାଏ । ପରିବାର, ସାଙ୍ଗସାଥି ଓ ପରିବାର ଓ ପରିବେଶର ପ୍ରଭାବ ବ୍ୟକ୍ତିତ୍ୱ ଉପରେ ପଡ଼ିଥାଏ ।

ବ୍ୟକ୍ତିତ୍ୱ ବ୍ୟକ୍ତିକୁ ଅନ୍ୟମାନଙ୍କ ଠାରୁ ଭିନ୍ନ କରିଥାଏ । ଏହା ମନୁଷ୍ୟକୁ ସଫଳତାର ଶିଖରରେ ପହଞ୍ଚାଇଥାଏ । ବର୍ତ୍ତମାନ ପ୍ରଶ୍ନ ଆସୁଛି କିପରି ଭାବରେ ଏହି ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଗଠନ ହୋଇପାରିବ । ଏହି ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଗଠନ ପାଇଁ ଏକ ସରଳ ଉପାୟ ନିଆଯାଇଛି । ଉକ୍ତ ସରଳ ଉପାୟକୁ ଯଦି ଜଣେ ବ୍ୟକ୍ତି ସଙ୍କୋଟତା ସହ ନିଜ ଜୀବନରେ ପ୍ରୟୋଗ କରେ ତେବେ ନିଶ୍ଚିତ ଭାବରେ ତାଙ୍କର ବ୍ୟକ୍ତିତ୍ୱ ପ୍ରଭାବଶାଳୀ ହେବ ।

Three 'S' Factor -

ଏହି ସରଳ ଉପାୟ ଇଂରାଜୀର 'S' ଅକ୍ଷର ଉପରେ ପର୍ଯ୍ୟବେଶିତ ଅଟେ । ପ୍ରତ୍ୟେକ ଶବ୍ଦ ଇଂରାଜୀ ଭାଷାରେ 'S' ଅକ୍ଷରରୁ ଉତ୍ପତ୍ତି ହୋଇଛି । ଆମ୍ଭେ ଏହି ପ୍ରକ୍ରିୟାକୁ ସରଳ କରିବାପାଇଁ ମାତ୍ର ତିନୋଟି ଉପାଦାନ ଉପରେ ଗୁରୁତ୍ୱ ଦେଉଛୁ । ଏହି ଉପାଦାନଗୁଡ଼ିକ ହେଲା :-

(i) Speak (K[û) Expression
(ii) Shift (MZò) Movement
(iii) Shield (Xûf) Protection

ପ୍ରଥମ ଉପାଦାନ Speak :

ମଧୁର ଭାଷାର ଉପକାରିତାକୁ ସମସ୍ତେ ଅନୁଭବ କରିଛନ୍ତି । ଏହି ଭାଷା ଶତ୍ରୁକୁ ମିତ୍ର କରିପାରେ । ବ୍ୟକ୍ତିର ସଫଳତାର ଏକ ମୁଖ୍ୟ ମାଧ୍ୟମ ହେଲା ମଧୁର ଭାଷା । ମଧୁର ଭାଷା ବ୍ୟକ୍ତିବିଶେଷର ସମ୍ପର୍କକୁ ସୁଦୃଢ କରେ । ପରସ୍ପର ମଧ୍ୟରେ ଥିବା ବିବାଦକୁ କ୍ଷୀଣ କରିଥାଏ । ଏହା ବ୍ୟକ୍ତିର ଯୋଗାଯୋଗ କ୍ଷମତାକୁ ବୃଦ୍ଧି କରିଥାଏ ।

ମଧୁର ଭାଷା ଦ୍ୱାରା ବ୍ୟକ୍ତିର ନିମ୍ନଲିଖିତ ଉନ୍ନତି ହୋଇଥାଏ ।
(i) ବ୍ୟକ୍ତିର ମନୋଭାବ ଓ ମାନସିକ ସୁସ୍ଥତା ବୃଦ୍ଧିପାଏ ।
(ii) ବ୍ୟକ୍ତିର ଅନୁଭାବାତ୍ମକ ଜ୍ଞାନ ବୃଦ୍ଧିପାଏ ।
(iii) ବ୍ୟକ୍ତିର ଉତ୍ତମ ଭାବପ୍ରବଣତା ହୁଏ ।
(iv) ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୁଏ ।

ଏହାବ୍ୟତିତ ବ୍ୟକ୍ତିକୁ ନିଜର ଠବକ୍ଷଙ୍କର ବଢ଼ାଇବା ପାଇଁ ସ୍ବକ୍ତ୍ରବଳର ଅନ୍ୟ ଏକ ଦିଗ ଉପରେ ଧ୍ୟାନ ଦେବାକୁ ପଡ଼ିବ । ଉକ୍ତ ନିୟମଗୁଡ଼ିକ ହେଲା :-

(i) ସର୍ବଦା ମଧୁର ଭାଷା ଏବଂ ହସୁଥିବା ଚେହେରା ଉପରେ ଗୁରୁତ୍ୱ ଦିଅନ୍ତୁ ।
(ସସ) ଅଳ୍ପ କୁହ ଏବଂ ବେଶୀ ଶୁଣ ।
(ସସସ) ସମସ୍ତଙ୍କ ସହ ଇଜ୍ଜତ ସହ କଥାବାର୍ତ୍ତା କର ।
(ସଙ୍ଗ) ଯଥାର୍ଥ ଉତ୍ତର ଦିଅନ୍ତୁ ।
(ଙ୍ଗ) ଅଯଥା ଯୁକ୍ତିତର୍କ କରନ୍ତୁ ନାହିଁ ଏବଂ ଚୁପ ରହିବା ଶିଖନ୍ତୁ ।
(vi) ମିଥ୍ୟା ଏବଂ ଅଜ୍ଞାନତା ଭରା କଥା କୁହନ୍ତୁ ନାହିଁ ।
(vii) ନିଜ କଥା ଏବଂ କର୍ମ ଉପରେ ସମାନତା ଆଣନ୍ତୁ ।
(viii) ନିଜ ଭୁଲକୁ ସହଜତା ସହ ସ୍ୱୀକାର କରନ୍ତୁ ।
(ix) ସମୟାନୁବର୍ତ୍ତିତା ହୁଅନ୍ତୁ ।

ଯଦି ବ୍ୟକ୍ତି ଉପରୋକ୍ତ ନୀୟମାବଳୀକୁ ନିଜ ଝକ୍ତ୍ରବଳ (ଭାଷା)ରେ ପ୍ରୟୋଗ କରିପାରନ୍ତି, ତେବେ ନିଶ୍ଚିତ ରୂପରେ ତାଙ୍କ ବ୍ୟକ୍ତିତ୍ୱ ପ୍ରଭାବଶାଳୀ ହୋଇପାରିବ ।

ଦ୍ୱିତୀୟ ଉପାଦାନ Shift (MZò) Movement -

ଇଂରାଜୀର ଦ୍ୱିତୀୟ ଶବ୍ଦ ସ୍ବଷସଲଷ୍ପ ଅର୍ଥାତ୍ ଙ୍କକ୍ଟଙ୍ଗରଙ୍କରଭଷ୍ପ । ଝଷସଲଷ୍ପ ଅର୍ଥାତ୍ ଙ୍କକ୍ଟଙ୍ଗରଙ୍କରଭଷ୍ପର ପ୍ରଭାବ ବ୍ୟକ୍ତିର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଉପରେ ପଡ଼ିଥାଏ । ଓଡ଼ିଆରେ ଏହାର ଅର୍ଥ ହେଉଛି ଗତି । ବ୍ୟକ୍ତି ନିଜର ଶାରିରୀକ ଭାଷା (ଛକ୍ଟୟଛ କ୍ଷବଭଶଙ୍କବଶର) ଦ୍ୱାରା ମଧ୍ୟ ନିଜର ପ୍ରଭାବଶାଳୀ ବ୍ୟକ୍ତିତ୍ୱକୁ ବୃଦ୍ଧି କରିପାରିବ । ଏଥିପାଇଁ କେତେଗୁଡ଼ିଏ ନିୟମାବଳୀ ନମ୍ନରେ ପ୍ରଦାନ କରାଗଲା ।

(i) ନିଜର ସ୍ଥିତି (Posture)କୁ ସିଧା ରଖନ୍ତୁ, ଅର୍ଥାତ୍ ସିଧା ବସନ୍ତୁ, ଠିଆ ହୁଅନ୍ତି ଏବଂ ଚାଲନ୍ତୁ ।
(ii) ନିଜର ସ୍ଥାନ ପାଇଁ ଆବଶ୍ୟକୀୟ ଦୂରତ୍ୱ ରଖନ୍ତୁ । ଅଯଥା ଭିଡ଼ ଭିତରକୁ ଯାଆନ୍ତୁ ନାହିଁ ।
(iii) ଅଯଥା ହାତ କିମ୍ବା ମୁଣ୍ଡ ହଲାନ୍ତୁ ନାହିଁ । ଆବଶ୍ୟକ ପଡ଼ିଲେ ହାତ କିମ୍ବା ମୁଣ୍ଡ ହଲାଇ ଉତ୍ତର ଦେଇପାରନ୍ତି ।
(iv) ମୁହଁରେ ସର୍ବଦା ହସ ରଖନ୍ତୁ ।
(v) କଥା ହେବା ସମୟରେ ସର୍ବଦା (ରଚ୍ଚର ଉକ୍ଟଭଷ୍ପବମଷ୍ପ) ଆଖିର ଯୋଗାଯୋଗ ରଖନ୍ତୁ ।
(vi) ଚାଲିବା ସମୟରେ ଗୋଡ଼ ଘୋଷାଡ଼ି ଚାଲନ୍ତୁ ନାହିଁ ।
(vii) ପ୍ରତିଦିନ ବ୍ୟାୟାମ କରି ଶରୀରକୁ ସୁସ୍ଥ ରଖନ୍ତୁ ।

ଉପରୋକ୍ତ ନିୟମଗୁଡ଼ିକ ବ୍ୟତୀତ ମଧ୍ୟ ବ୍ୟକ୍ତିକୁ ନିମ୍ନଲିଖିତ ଗତି (ଙ୍କକ୍ଟଙ୍ଗରଙ୍କରଭଷ୍ପ) ଉପରେ ଧ୍ୟାନଦେବାକୁ ପଡ଼ିବ । ସେଗୁଡ଼ିକ ହେଲା :-

(i) ନିଜ ଚାଲିବା ଉପରେ ଗୁରୁତ୍ୱ ଦିଅନ୍ତୁ । ଆପଣଙ୍କ ଚାଲ ଅର୍ଥାତ୍ ଙ୍କକ୍ଟଙ୍ଗରଙ୍କରଭଷ୍ପରେ ଆତ୍ମବିଶ୍ୱାସର ଝଲକ ଆସୁଥିବା ଦରକାର ।
(ii) କେହି ଡାକିଲେ ଦୌଡ଼ି ଦୌଡ଼ି ଯାଆନ୍ତୁ ନାହିଁ । ଡାକିବାର ଗୁରୁତ୍ୱକୁ ଅନୁଭବ କରନ୍ତୁ । ନିଜ ସମୟ ଅନୁସାରେ ଯାଇପାରନ୍ତି ।
(iii) ସମସ୍ତଙ୍କର ବୋଲାକରା ହୁଅନ୍ତୁ ନାହିଁ, ଅର୍ଥାତ୍ 'ନା' କହିବା ଶିଖନ୍ତୁ ।

ତୃତୀୟ ଉପାଦାନ ଝଷସଲକ୍ଷୟ ଅର୍ଥାତ୍ ଢାଲ Protection -

ଇଂରାଜୀ ତୃତୀୟ ଶବ୍ଦ ସ୍ବଷସରକ୍ଷୟ ଅର୍ଥାତ୍ ଢାଲ । ଢାଲ ପେରି ଜଣେ ଯୋଦ୍ଧାକୁ ସୁରକ୍ଷିତ ରଖିଥାଏ । ସେହିପରି ଏଠାରେ ବ୍ୟବହୃତ ଢାଲ ବ୍ୟକ୍ତିର ଆକର୍ଷଣୀୟ ବ୍ୟକ୍ତିତ୍ୱକୁ ସୁରକ୍ଷିତ ରଖିଥାଏ । ଆମ ଓଡ଼ିଆରେ ଗୋଟିଏ ଢଗ ଅଛି, "ଭେକ ଦେଖି ଭୀକ" ଅର୍ଥାତ୍ ପୋଷାକ ଦେଖି ମଧ୍ୟ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ମୂଲ୍ୟାଙ୍କନ କରାଯାଏ । ସେଥିପାଇଁ ଆକର୍ଷଣୀୟ ବ୍ୟକ୍ତିତ୍ୱ ପାଇଁ ପୋଷାକର ଆଶ୍ୟକତା ଅଛି । ବ୍ୟକ୍ତି ନିଜର ବ୍ୟକ୍ତିତ୍ୱ ବଢ଼ାଇବା ପାଇଁ ନିମ୍ନଲିଖିତ ନିୟମକୁ ପାଳନ କରିବା ଉଚିତ୍ :-

(i) ବ୍ୟକ୍ତି ସର୍ବଦା ସଫାସୁତରା ପୋଷାକ ପିନ୍ଧିବା ଉଚିତ ।
(ii) ପୋଷାକଟି ବ୍ୟକ୍ତିର ଶରୀରକୁ ଉପଯୁକ୍ତ (ରସଷ୍ପ) ହେଉଥିବା ଆବଶ୍ୟକ ।
(iii) ପିନ୍ଧିଥିବା ଯୋତା କିମ୍ବା ଚପଲ ସଫାସୁତରା ହୋଇଥିବା ଦରକାର । ବ୍ୟକ୍ତି ଯୋତା କିମ୍ବା ଚପଲକୁ ଠିକ୍ ଭାବରେ ପିନ୍ଧିଥିବା ଆବଶ୍ୟକ । ଛିଡ଼ିଯାଇଥିବା ଯୋତା ଓ ଚପଲ ପିନ୍ଧିବା ଅନୁଚିତ ।
(iv) ମୁଣ୍ଡର କେଶ ଠିକ୍ ଭାବରେ କଟା ହୋଇଥିବା ସହ କେଶ ବିନ୍ୟାସ ହୋଇଥିବା ଆବଶ୍ୟକ ।
(v) କର୍ମକରି ସଫଳତା ହାସଲ କରନ୍ତୁ । ଅଧିକ ଅର୍ଥ ଉପାର୍ଜନ କରି ତାହାର ସଦୁପଯୋଗ୍ୟ କରନ୍ତୁ । ଅନ୍ୟମାନଙ୍କ ଠାରୁ ଭିନ୍ନ ରୁହନ୍ତୁ । ପରିଶ୍ରମ କରି ନିଜର ସମ୍ପତ୍ତି ବୃଦ୍ଧି କରନ୍ତୁ । ସମାଜସେବା କରନ୍ତୁ ।

ଉପରୋକ୍ତ ନିୟମାବଳୀ ସହ ବ୍ୟକ୍ତିକୁ ସ୍ଥାନବିଶେଷ ଉପରେ ମଧ୍ୟ ଧ୍ୟାନ ଦେବା ଉଚିତ୍ । କେଉଁ ସ୍ଥାନରେ କିପରି ପୋଷାକ ପିନ୍ଧିବା ଉଚିତ ତାହା ଆମ ସମାଜ ଆମକୁ ଶିକ୍ଷା ଦେଇଛି । ଯେପରି ଅଫିସ, ବାହାଘର, ମନ୍ଦିର, ସ୍କୁଲ, ପିକ୍‌ନିକ ଇତ୍ୟାଦି ଇତ୍ୟାଦି ପାଇଁ ଭିନ୍ନ ଭିନ୍ନ ପୋଷାକ ନିର୍ଦ୍ଧାରିତ କରାଯାଇଛି । ବ୍ୟକ୍ତି ସ୍ଥାନାନୁସାରେ ପୋଷାକ ପରିଧାନ କଲେ, ତାହାର ବ୍ୟକ୍ତିତ୍ୱର ପ୍ରଭାବ ବୃଦ୍ଧି ପାଇଥାଏ ।

ବ୍ୟକ୍ତି ଯଦି ଉପରୋକ୍ତ ତିନୋଟ 'S' ଅକ୍ଷର ଶବ୍ଦର ଗୁରୁତ୍ୱକୁ ଅନୁଭବ କରି କାର୍ଯ୍ୟରେ ଲଗାଏ, ତେବେ ନିଶ୍ଚିତ ରୂପରେ ତାହାର ବ୍ୟକ୍ତିତ୍ୱ ଆକର୍ଷଣୀୟ ହେବ, ଏଥିରେ ଦ୍ୱିରକ୍ତି ନାହିଁ ।



# ବିହାରରେ ଭୋଟର ତାଲିକାରେ ଭୁଲ୍ ନାମ ଯୋଡା ଯାଇନି କି ଠିକ୍ ନାମ ହଟାଯାଇନି

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):**ଭୋଟର ତାଲିକାର ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍ (ଏସ୍ଆଇଆର୍)କୁ ନେଇ ବିବାଦ ମଧ୍ୟରେ ମୁଖ୍ୟ ନିର୍ବାଚନ କମିସନର(ସିଇସି) ଜ୍ଞାନେଶ କୁମାର ବୁଧବାର ଦିଲ୍ଲୀରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ-୨୦୨୬ରେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ବିହାରରେ କୌଣସି ଭୁଲ୍ ନାମ ଯୋଡାଯାଇ ନାହିଁ କିମ୍ବା ଠିକ୍ ନାମ କଟାଯାଇ ନାହିଁ । ବିଶ୍ୱର ବିଭିନ୍ନ ଦେଶର ନିର୍ବାଚନ ପରିଚାଳନା ପ୍ରତିନିଧିମାନଙ୍କ ସମ୍ମୁଖରେ ମୁଖ୍ୟ ନିର୍ବାଚନ କମିସନର ବିହାରରେ ଏସ୍ଆଇଆର୍ ପ୍ରକ୍ରିୟାକୁ ଯଥାର୍ଥ ବୋଲି ଦର୍ଶାଇ ବିହାରରେ ଏହା ସଫଳ ହୋଇଥିବା କହିଛନ୍ତି। ସେ କହିଛନ୍ତି ଯେ, ଭାରତ ହେଉଛି ଗଣତନ୍ତ୍ରର ଜନନୀୟ ଭାରତୀୟ ଗଣତନ୍ତ୍ର ଖ୍ରୀଷ୍ଟପୂର୍ବ ୬୦୦ ମସିହାରୁ ଆରମ୍ଭ ହୋଇଥିଲା । ଗତ ଲୋକସଭା ନିର୍ବାଚନ କାର୍ଯ୍ୟକାରୀ କରିବା ପାଇଁ ୨ କୋଟି ଲୋକ ଅଂଶଗ୍ରହଣ କରିଥିଲେ । ବୁଥ୍ ସ୍ତରୀୟ ଅଧିକାରୀମାନେ ନିର୍ବାଚନୀ ଗଣତନ୍ତ୍ରର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ବୋଲି ସେ କହିଛନ୍ତି। ଆଇନ ଅନୁଯାୟୀ, ନିର୍ବାଚନ ପୂର୍ବରୁ ଏକ ବୈଧ ଭୋଟର ତାଲିକା ପ୍ରସ୍ତୁତ କରିବା ବାଧ୍ୟତାମୂଳକ । ଭୋଟର ତାଲିକାରୁ ଯେପରି କୌଣସି ବୈଧ ନାମ ବାଦ୍ ନ ଦିଆଯାଏ ଓ କୌଣସି ଭୁଲ୍ ନାମ ଯୋଡା ନ ଯାଏ ତାହା ନିଶ୍ଚିତ କରିବାର ଆବଶ୍ୟକତା ରହିଛି । ଗଣତନ୍ତ୍ରକୁ ସୁଦୃଢ଼ କରିବା ଓ ନିର୍ବାଚନ ପରିଚାଳନା ପାଇଁ ଏକ ସ୍ୱଚ୍ଛ ଭୋଟର ତାଲିକା ଅତ୍ୟନ୍ତ ଜରୁରୀ । ସେ କହିଥିଲେ ଯେ ବିହାରରେ ନିର୍ବାଚନ ସମ୍ପ୍ରତି ଅନୁଷ୍ଠିତ ହୋଇଥିଲା । ଆମର ପ୍ରଥମ ପଦକ୍ଷେପ ଥିଲା ଭୋଟର ତାଲିକାକୁ ଶୁଦ୍ଧ କରିବାୟ ଶୁଦ୍ଧିକରଣ ସମୟରେ, କୌଣସି ଭୁଲ ନାମ ଯୋଡା ଯାଇନଥିଲା କିମ୍ବା ଠିକ୍ ନାମ କଟାଯାଇ ନଥିଲା । କୌଣସି ଆବେଦନ ହୋଇନଥିଲା । ଜନସାଧାରଣଙ୍କ ଯାଞ୍ଚ ହୋଇ ଭୋଟର ତାଲିକା ପ୍ରସ୍ତୁତ କରାଯାଇଥିଲା ଓ ନିର୍ବାଚନ ସମାପ୍ତ ହୋଇଥିଲା । ବିହାରରେ, ଆମେ ଏସ୍ଆଇଆର୍ ପରୀକ୍ଷଣ ମାଧ୍ୟମରେ ୭୫ ନିୟୁତ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିଛୁ । ଯେଉଁଥିରେ ବିଏଲଓ ଓ ବିହାରର ଅନ୍ୟ ସମସ୍ତ ନିର୍ବାଚନ ଅଧିକାରୀଙ୍କ ମାଧ୍ୟମରେ, ଆମେ ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ କରିବାରେ ସଫଳ ହୋଇଛୁ । ଏନେଇ ଗୋଟିଏ ବି ଅଭିଯୋଗ କମିସନଙ୍କ ନିକଟରେ ଆସିନାହିଁ । ପୁନଃନିର୍ବାଚନ କୌଣସି ସ୍ଥାନରେ କରିବାକୁ ପଡ଼ିନଥିଲା । ସିଇସି କହିଛନ୍ତି, ବିହାରରେ ଏସ୍ଆଇଆର୍ ପରେ, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶ ସମେତ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ ପ୍ରକ୍ରିୟା ବର୍ତ୍ତମାନ ଚାଲିଛି। ପଶ୍ଚିମବଙ୍ଗରେ ଏସ୍ଆଇଆର୍ ପ୍ରକ୍ରିୟାକୁ ନେଇ ବିବାଦ ଉପୁଜିଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ବିରୋଧରେ ଅନେକ ଅଭିଯୋଗ ଆଣିଛନ୍ତି । ସେହିପରି ଉତ୍ତର ପ୍ରଦେଶରେ ଏସ୍ଆଇଆର୍ ପ୍ରକ୍ରିୟାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏହି ପ୍ରଶ୍ନଗୁଡ଼ିକ ମଧ୍ୟରେ, ମୁଖ୍ୟ ନିର୍ବାଚନ କମିସନରଙ୍କ ମନ୍ତବ୍ୟକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।



# କେରାନ ସେକ୍ଟରରେ ନିୟନ୍ତ୍ରଣ ରେଖା ନିକଟରେ ଭାରତ-ପାକ୍ ଗୁଳି ବିନିମୟ

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):**ଜାନୁଆରି ୨୦-୨୧ ରାତିରେ ଉତ୍ତର କାଶ୍ମୀରର କୁପାଡ଼ା ଜିଲ୍ଲାର କେରାନ ସେକ୍ଟରରେ ଭାରତ ଓ ପାକିସ୍ତାନୀ ସୈନ୍ୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ୬ ରାଷ୍ଟ୍ରୀୟ ରାଇଫଲ୍ସର ସୈନ୍ୟମାନେ ସୀମା ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ନିୟନ୍ତ୍ରଣ ରେଖାରେ ଥିବା ବ୍ଲାଇଣ୍ଡ



ସ୍ପଟକୁ ହଟାଇବା ପାଇଁ କେରାନ ବାଲା ଅଞ୍ଚଳରେ ହାଇ-ଟେକ୍ ସର୍ଭେଲାନ୍ସ କ୍ୟାମେରା ସ୍ଥାପନ କରୁଥିବା ବେଳେ ଏହି ସଂଘର୍ଷ ଘଟିଥିଲା । ପାକିସ୍ତାନୀ ସୈନ୍ୟମାନେ କ୍ୟାମେରା ଲଗାଇବା ଉଦ୍ୟମକୁ ବ୍ୟାହତ କରିବା ପାଇଁ ଦୁଇ ରାଉଣ୍ଡ ଗୁଳି ଚଳାଇବା ପରେ ଭାରତ ପକ୍ଷରୁ ପ୍ରତିଶୋଧମୂଳକ ଗୁଳି ଚଳାଯାଇଥିଲା । ଉଭୟ ପକ୍ଷରୁ କୌଣସି କ୍ଷୟକ୍ଷତି ଖବର ମିଳିନଥିବା ବେଳେ ଭାରତୀୟ ସେନା ଘଞ୍ଚ ଜଙ୍ଗଲ ଅଞ୍ଚଳରେ ଘେରାବନ୍ଦୀ ଓ ସର୍ଚ୍ଚ ଅପରେସନ ଆରମ୍ଭ କରିଛି । ଶୀତ ମାସରେ ପାରମ୍ପରିକ ଅନୁପ୍ରବେଶ ମାର୍ଗ ଉପରେ ନଜର ରଖିବା ପାଇଁ ସେନା ବୈଷୟିକ ନିରୀକ୍ଷଣକୁ ନବୀକରଣ ଜାରି ରଖିଥିବାରୁ ସମଗ୍ର ସେକ୍ଟରରେ ସୁରକ୍ଷା କଡ଼ାକଡ଼ି କରାଯାଇଛି।

# ଏଆଇ ଯୋଗୁ ଭାରତ-ପାକିସ୍ତାନ ପରମାଣୁ ସଂଘର୍ଷ ହୋଇଥାନ୍ତା

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):**୨୦୨୫ ମସିହାରେ ଭାରତ ଓ ପାକିସ୍ତାନ ସଂଘର୍ଷର ସମ୍ମୁଖୀନ ହୋଇଥିଲେ । ଅନ୍ତର୍ଜାତୀୟ ଥିଙ୍କ ଟ୍ୟାଙ୍କ ଏସ୍ଆଇପିଆର୍ଆଇ ଚେତାବନୀ ଦେଇଛି ଯେ, ଉତ୍ତେଜନା ସମୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ସୃଷ୍ଟି ହୋଇଥିବା ଭୁଲ୍ ସୂଚନା ପରିସ୍ଥିତିକୁ ଆହୁରି ଖରାପ କରିଥିଲା । ରିପୋର୍ଟ ଅନୁଯାୟୀ, ଏହି ସଂଘର୍ଷ ଏକ ଦୀର୍ଘକାଳୀନ ସଂଘର୍ଷରେ ପରିଣତ ହୋଇପାରିଥାନ୍ତା । ଏପରିକି ଦୁଇ ପରମାଣୁ ଶକ୍ତିସମ୍ପନ୍ନ ଦେଶ ମଧ୍ୟରେ ସିଧାସଳଖ ପରମାଣୁ ମୁକାବିଲାର ବିପଦ ସୃଷ୍ଟି କରିଥାନ୍ତା। ସ୍ୱିଡେନସ୍ଥିତ ଷ୍ଟକହୋମ୍ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏସ୍ଆଇପିଆର୍ଆଇ) ଏହାର ୱେବସାଇଟରେ ଏହି ଗବେଷଣା ଭିତ୍ତିକ ତଥ୍ୟ ପ୍ରକାଶ କରିଛି । ମଲ୍ଟି-ଡୋମେନ୍ ନ୍ୟୁକ୍ଲିୟର ଏସକେଲେସନ୍ ରିସ୍କକୁ ଆଡରେସ୍ କରିବା ଶୀର୍ଷକ ଏହି ରିପୋର୍ଟରେ ସାମ୍ପ୍ରତିକ ଭାରତ-ପାକିସ୍ତାନ ବିବାଦ, ଇରାନ ସହିତ ଜଡ଼ିତ ଇସ୍ରାଏଲର କାର୍ଯ୍ୟକଳାପ ଓ ରୁଷ-ୟୁକ୍ରେନ ଯୁଦ୍ଧର ବିଶ୍ଳେଷଣ କରାଯାଇଛି । ୨୦୨୫ ଭାରତ-ପାକିସ୍ତାନ ସଙ୍କଟକୁ ଉଲ୍ଲେଖ କରି ରିପୋର୍ଟରେ କୁହାଯାଇଛି ଯେ ଏଆଇ ଦ୍ୱାରା ସୃଷ୍ଟି ହୋଇଥିବା ଭୁଲ୍ ସୂଚନା ପରିସ୍ଥିତିର ବୁଝାମଣାକୁ ବିକୃତ କରିଦେଇଥିଲା । ଥିଙ୍କଟ୍ୟାଙ୍କ ପକ୍ଷରୁ ଏହା ମଧ୍ୟ ଚେତାବନୀ ଦିଆଯାଇଛି, ଭବିଷ୍ୟତରେ ଏପରି ଏଆଇ-ଆଧାରିତ ଭୁଲ୍ ସୂଚନା ଅଭିଯାନ ଆହୁରି ବିପଜ୍ଜନକ ହୋଇପାରେ । କାରଣ ଏହା ଭୂମିଗତ ବାସ୍ତବତାକୁ ଲୁଚାଇ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶଗୁଡ଼ିକର ରଣନୈତିକ ନିଷ୍ପତ୍ତିକୁ ପ୍ରଭାବିତ କରିପାରେ । ଅପରେସନ୍ ସିନ୍ଦୂର ସମୟରେ ବିଭ୍ରାନ୍ତକାରୀ ବିଷୟବସ୍ତୁର ପ୍ରସାରଣ ଯାଞ୍ଚ୍ କରିଥିବା ଏସ୍ଆଇପିଆର୍ଆଇ ସୂଚନା ପରିବେଶକୁ ଏକ ଉତ୍ତେଜନାପୂର୍ଣ୍ଣ ଦୃଶ୍ୟ ଭାବରେ ବର୍ଣ୍ଣନା କରିଛି । ରିପୋର୍ଟ ଅନୁଯାୟୀ, ଉଭୟ ପକ୍ଷର ସାମରିକ ସଫଳତା ଓ କ୍ଷେତ୍ରୀୟ ଲାଭର ମିଥ୍ୟା ଦାବି ପ୍ରସାରିତ ହୋଇଥିଲା । ଏପରିକି ମୁଖ୍ୟଧାରାର ଗଣମାଧ୍ୟମରେ ମଧ୍ୟ ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଭିଡିଓ ଓ ଚିତ୍ର ବ୍ୟବହାର କରିଥିଲେ । ଭାରତର ସାମରିକ ନେତୃତ୍ୱ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ, ସେହି ସଙ୍କଟ ସମୟରେ କୌଣସି ପରମାଣୁ ବିପଦ ନଥିଲା । ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଜାନୁଆରି ୧୩ ରେ କହିଥିଲେ, ପାକିସ୍ତାନର ସାମରିକ ଅଭିଯାନ ନିର୍ଦ୍ଦେଶକ(ଡିଜିଏମ୍ଓ) ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କ ସହିତ ଟେଲିଫୋନ୍ ଆଲୋଚନା ସମୟରେ କୌଣସି ପରମାଣୁ ବିପଦ ସମ୍ପର୍କରେ କଥା ଉଠାଇ ନଥିଲେ । ଡିଜିଏମ୍ଓ-ସ୍ତରୀୟ ଆଲୋଚନାରେ ପରମାଣୁ ପ୍ରସଙ୍ଗ ଉପରେ ଆଲୋଚନା ହୋଇନଥିଲା । ଯେଉଁ ସମସ୍ତ ପରମାଣୁ ବୟାନବାଜି ହୋଇଥିଲା ତାହା ପାକିସ୍ତାନୀ ରାଜନେତାଙ୍କଠାରୁ ଆସିଥିଲା ।



# ବାଂଲାଦେଶରେ ନିର୍ବାଚନ ପୂର୍ବରୁ ପୁଣି ହିନ୍ଦୁଙ୍କ ଉପରେ ଆକ୍ରମଣ ଆଶଙ୍କା ଘନେଇଲା

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):**ବାଂଲାଦେଶରେ ଶେଖ ହସିନାଙ୍କ ସରକାରର ପତନ ପରଠାରୁ, ମହମ୍ମଦ ୟୁନୁସଙ୍କ ସରକାରରେ ହିନ୍ଦୁମାନଙ୍କ ଉପରେ ହିଂସା ଜାରି ରହିଛି । ବାଂଲାଦେଶରେ ଛାତ୍ର ପ୍ରତିବାଦ ସମୟରେ ଭାରତୀୟ ଦୂତାବାସକୁ ମଧ୍ୟ ଟାର୍ଗେଟ କରାଯାଇଥିଲା । ବାଂଲାଦେଶରେ ଫେବୃଆରି ୧୨ରେ ନିର୍ବାଚନ ହେବାକୁ ଯାଉଛି । ନିର୍ବାଚନ ପୂର୍ବରୁ ବାଂଲାଦେଶରେ ରହୁଥିବା ହିନ୍ଦୁ ଏବଂ ଭାରତୀୟଙ୍କ ଉପରେ ଆକ୍ରମଣ ହେବାର ଭୟ ରହିଛି । ଏହି ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ଭାରତ ସରକାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବାଂଲାଦେଶରେ ବାସ କରୁଥିବା ହିନ୍ଦୁ ଓ ଭାରତୀୟ ସ୍ଥାନଗୁଡ଼ିକରେ ହିଂସାର ଆଶଙ୍କା ମଧ୍ୟରେ , ଭାରତ ସରକାର ଦେଶରେ ଥିବା ଭାରତୀୟ କୂଟନୀତିଜ୍ଞ ଓ ଅଧିକାରୀଙ୍କ ପରିବାରକୁ ଭାରତ ଫେରିବାକୁ ପରାମର୍ଶ ଦେଇଛନ୍ତି । ଭାରତ ସରକାର ବାଂଲାଦେଶରେ ନିଜର କୂଟନୀତିଜ୍ଞଙ୍କ ପାଇଁ ଏକ ବିନା ପରିବାର ପୋଷ୍ଟିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବାଂଲାଦେଶରେ ଥିବା ମିଶନ ଓ ପୋଷ୍ଟ ଅଧିକାରୀଙ୍କ ଉପରେ ନିର୍ଭରଶୀଳମାନଙ୍କୁ ଘରକୁ ଫେରିବାକୁ ପରାମର୍ଶ ଦେଇଛି । ବରିଷ୍ଠ ଅଧିକାରୀଙ୍କ ଅନୁଯାୟୀ, ପଡ଼ୋଶୀ ଦେଶରେ ସାମ୍ପ୍ରଦାୟିକ ଘଟଣା ବୃଦ୍ଧି ପାଉଥିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହି ପଦକ୍ଷେପ ନିଆଯାଇଛି । ଯାହା ସଂଖ୍ୟାଲଘୁଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ାଇଛି ।ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଉଚ୍ଚାୟୁକ୍ତ ଓ ଚାରି ଜଣ ସହାୟକ ଅଧିକାରୀଙ୍କୁ ଭାରତ ଫେରିଯିବାକୁ ପରାମର୍ଶ ଦିଆଯାଇଛି। ଗତ ମାସରେ ଚିଟାଗଙ୍ଗରେ ହୋଇଥିବା ବିରୋଧ ପ୍ରଦର୍ଶନ ପରେ ଭାରତ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଉଗ୍ରବାଦୀ ଓ ମୌଳବାଦୀ ତତ୍ତ୍ୱମାନଙ୍କଠାରୁ ଆସୁଥିବା ଧମକ କୂଟନୀତିଜ୍ଞ ଓ ସେମାନଙ୍କ ପରିବାରର ସୁରକ୍ଷା ନେଇ ଚିନ୍ତା ସୃଷ୍ଟି କରିଛି । ବାଂଲାଦେଶ ହିନ୍ଦୁ ବୌଦ୍ଧ ଖ୍ରୀଷ୍ଟିଆନ ୟୁନିଟି କାଉନସିଲ ଅନୁଯାୟୀ, ଡିସେମ୍ବର ପରଠାରୁ ବାଂଲାଦେଶରେ ପ୍ରାୟ ସାତ ଜଣ ହିନ୍ଦୁ ସମ୍ପ୍ରଦାୟର ସଦସ୍ୟଙ୍କୁ ହତ୍ୟା କରାଯାଇଛି । ତଥାପି, ଏହି ପରିସ୍ଥିତି ସତ୍ତ୍ୱେ, ବାଂଲାଦେଶର ସମସ୍ତ ପାଞ୍ଚଟି କୂଟନୈତିକ ମିଶନ ପୂର୍ଣ୍ଣଶକ୍ତିରେ କାର୍ଯ୍ୟ କରିବ । ବିଶେଷକରି, ହାଇ କମିସନ ଓ ଅନ୍ୟ ଟାର୍ଗେଟ ପୋଷ୍ଟ କାର୍ଯ୍ୟକ୍ଷମ ରହିବ । ଚିଟାଗଙ୍ଗ, ଖୁଲନା, ରାଜଶାହୀ ଓ ସିଲହଟ ପୋଷ୍ଟ ଖୋଲା ରହିବ ।

# ମେନକା ଗାନ୍ଧୀଙ୍କ ଉପରେ ସୁପ୍ରିମକୋର୍ଟଙ୍କ ଅସନ୍ତୋଷ

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):**ବୁଲାକୁକୁର କାମୁଡ଼ା ମାମଲାରେ ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଛନ୍ତି । ବୁଲାକୁକୁର କାମୁଡ଼ାରେ କାହାକୁ ଆଘାତ ଲାଗିଲେ କିମ୍ବା କାହାରି ମୃତ୍ୟୁ ଘଟିଲେ ପୌର ପରିଷଦ ସହ କୁକୁରଙ୍କୁ ଖୁଆଉଥିବା ଲୋକଙ୍କୁ ଦାୟୀ କରାଯାଇପାରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସେହିପରି ଗତ ଶୁଣାଣି ବେଳେ ଦିଆଯାଇଥିବା ଟିପ୍ପଣୀକୁ ମଜା ନ ଭାବି ଗୁରୁତ୍ୱର ସହ ନେବାକୁ ସୁପ୍ରିମକୋର୍ଟ କହିଥିଲେ । ଏହା ସହିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମେନକା ଗାନ୍ଧୀଙ୍କ ଉପରେ



ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବୁଲା କୁକୁର ପ୍ରସଙ୍ଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମେନକା ଗାନ୍ଧୀଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମାଲୋଚନା କରି ଦେଇଥିବା ମନ୍ତବ୍ୟ ଉପରେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ସେ କୋର୍ଟର ଅବମାନନା କରିଛନ୍ତି । ପୂର୍ବତନ ମନ୍ତ୍ରୀ ଚିନ୍ତା ନକରି ସମସ୍ତଙ୍କ ବିରୁଦ୍ଧରେ ସବୁ ପ୍ରକାରର ମନ୍ତବ୍ୟ ଦେଇଛନ୍ତି । କସାବ ବି କୋର୍ଟର ଅବମାନନା କରିନଥିଲା। କୁକୁର ମାମଲାରେ ସୁପ୍ରିମକୋର୍ଟ ବେଶ୍ ଗମ୍ଭୀର । ଏଥିପାଇଁ ଉତ୍ତରଦାୟିତ୍ୱ ସ୍ଥିର କରିବାରେ ଶୀର୍ଷ ଅଦାଲତ ପଛଘୁଞ୍ଚା ଦେବେନାହିଁ । ଏଥିସହ ସମ୍ପ୍ରତି ବ୍ୟବସ୍ଥାରେ ସ୍ଥାନୀୟ ପ୍ରଶାସନର ବିଫଳତା ମଧ୍ୟ ସାମ୍ନାକୁ ଆସିଥିବା ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସନ୍ଦୀପ ମେହେତା, ଜଷ୍ଟିସ୍ ଏନ୍. ଭି ଅଞ୍ଜରିଆଙ୍କ ଖଣ୍ଡପୀଠ କହିଥିଲେ । ପ୍ରଥମେ ବ୍ୟକ୍ତିଗତ ପକ୍ଷର ଦଲିଲ ଶୁଣାଯିବ ଏବଂ ପରେ ରାଜ୍ୟଗୁଡ଼ିକୁ ଆଉ ଗୋଟିଏ ଦିନ ସୁଯୋଗ ଦିଆଯିବ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ଏହି ଅବସରରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ମେନକା ଗାନ୍ଧୀ ସାର୍ବଜନିକ ଭାବେ ଦେଇଥିବା ଟିପ୍ପଣୀ ଉପରେ କଡ଼ା ଆପତ୍ତି ଉଠାଇଥିଲେ । ଅଦାଲତ କହିଥିଲେ, ବିନା ବୁଝି ବିଚାରି ଦିଆଯାଉଥିବା ବୟାନ ନ୍ୟାୟପାଳିକାଙ୍କ ପ୍ରତି ଅବମାନନା ବିବେଚନା କରାଯାଇପାରିବ । ସଂସ୍ଥାଗତ ପରିସରରେ ବୁଲାକୁକୁରଙ୍କ ଉପସ୍ଥିତି ଏବଂ ନଗର ନିଗମ ଅଧିକାରୀଙ୍କ ଦାୟିତ୍ୱ ଭଳି ପ୍ରସଙ୍ଗକୁ ଗମ୍ଭୀରତାର ସହ ବିଚାର କରାଯିବା ଜରୁରି । ଗତ ଶୁଣାଣିରେ ସୁପ୍ରିମକୋର୍ଟ କହିଥିଲେ, ଯେଉଁମାନେ କୁକୁରଙ୍କୁ ଏତେ ଭଲପାଉଛନ୍ତି ସେମାନେ କାହିଁକି କୁକୁରଙ୍କୁ ଘରକୁ ନେଇ ରଖୁନାହାନ୍ତି । ଏହାକୁ ନେଇ ମେନକା ଏକ ପଡ୍କାଷ୍ଟରେ ସମାଲୋଚନା କରିଥିଲେ । ଆଜିର ଶୁଣାଣିରେ ସମସ୍ତ ପିଟିସନରଙ୍କ ପକ୍ଷରୁ ଦଲିଲ ଶୁଣାଯାଇଛି । ଜାନୁଆରୀ ୨୮ରେ ଏହି ଦଲିଲଗୁଡ଼ିକ ଉପରେ ଜବାବ ଏବଂ ପରବର୍ତ୍ତୀ ପଦକ୍ଷେପ ଉପରେ ଚର୍ଚ୍ଚା ହେବ ।

# ଜି-୭ ବୈଠକକୁ ଟ୍ରମ୍ପଙ୍କ ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):**ଗ୍ରିନଲାଣ୍ଡ ଦଖଲ ପାଇଁ ଆମେରିକା ଦାବିକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏନେଇ ଏକ ଜରୁରୀ ଜି-୭ ବୈଠକ ପାଇଁ ଆହ୍ୱାନ କରିଛନ୍ତି । ତେବେ ମାକ୍ରନଙ୍କର ଏହି ପ୍ରସ୍ତାବିତ ବୈଠକକୁ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିଛନ୍ତି । ଟ୍ରମ୍ପ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଗଣମାଧ୍ୟମକୁ କହିଛନ୍ତି, ସେ ମାକ୍ରନଙ୍କ ପ୍ରସ୍ତାବିତ ବୈଠକରେ ଯୋଗ ଦେବେନାହିଁ । ଟ୍ରମ୍ପ କହିଛନ୍ତି, ମାକ୍ରନଙ୍କ ରାଜନେତିକ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଛି ।ଇମାନୁଏଲ ମାକ୍ରନ ଆଉ ବେଶୀଦିନ ସେଠାରେ ରହିବେନି ବୋଲି ଟ୍ରମ୍ପ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଟ୍ରମ୍ପ



ମାକ୍ରନଙ୍କର ଏକ ବାର୍ତ୍ତାର ସ୍କ୍ରିନସଟ୍ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରିବାପରେ ଏହା କହିଛନ୍ତି । ମାକ୍ରନ ଟ୍ରମ୍ପଙ୍କୁ ଦେଇଥିବା ବାର୍ତ୍ତାରେ ଲେଖିଛନ୍ତି, ‘ମୋର ବନ୍ଧୁ, ଆମେ ସିରିଆଉପରେ ସମ୍ପୂର୍ଣ୍ଣ ଏକମତ । ଆମେ ଇରାନ ଉପରେ ମହାନ କାମ କରିପାରିବା । କିନ୍ତୁ ତୁମେ ଗ୍ରିନଲାଣ୍ଡ ଉପରେ କ’ଣ କରୁଛ ମୁଁ ବୁଝିପାରୁନାହିଁ । ଆସନ୍ତୁ ଆମେ ମହାନ କାମ କରିବାକୁ ଚେଷ୍ଟା କରିବା । ଗୁରୁବାର ଅପରାହ୍ନରେ ପ୍ୟାରିସରେ ଡାଭୋସ ପରେ ଏକ ଜି୭ ବୈଠକ ଆୟୋଜନ କରିପାରିବି। ମୁଁ ୟୁକ୍ରେନୀୟ, ଡେନମାର୍କ, ସିରିଆ ଏବଂ ଋଷୀୟମାନଙ୍କୁ ନିମନ୍ତ୍ରଣ କରିପାରିବି । ତୁମେ ଆମେରିକା ଫେରିବା ପୂର୍ବରୁ ଗୁରୁବାର ଦିନ ପ୍ୟାରିସରେ ଏକାଠି ରାତ୍ରୀଭୋଜନ କରିବା ବୋଲି ମାକ୍ରନ କହିଥିଲେ। କିନ୍ତୁ ଏହି ବୈଠକକୁ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିଛନ୍ତି । ଅନ୍ୟପକ୍ଷେ ଗ୍ରିନଲାଣ୍ଡ ଅଧିଗ୍ରହଣ ପାଇଁ ଟ୍ରମ୍ପ କେତେ ଦୂର ଯିବାକୁ ଇଚ୍ଛୁକ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ‘ଆପଣ ଜାଣିପାରିବେ’ ।

# ଉପପ୍ରଧାନମନ୍ତ୍ରୀଙ୍କୁ ବରଖାସ୍ତ କଲେ କିମ

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):**ନିଜର ଅଜବ କାର୍ଯ୍ୟ ପାଇଁ ସବୁବେଳେ ଚର୍ଚ୍ଚାରେ ରହୁଥିବା ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍ ଆଉ ଏକ ବଡ଼ ପଦକ୍ଷେପ ନେଇ ସମସ୍ତଙ୍କୁ ଚକିତ କରାଇଛନ୍ତି । ସଭା ମଞ୍ଚରୁ ହିଁ ସେ ଦେଶର ଉପପ୍ରଧାନମନ୍ତ୍ରୀଙ୍କୁ ବରଖାସ୍ତ କରିଦେଇଛନ୍ତି ।ରିପୋର୍ଟ ମୁତାବକ, କିମ୍ ୟୋଙ୍ଗସୋଙ୍ଗ୍ ମେସିନ କମ୍ପ୍ଲେକ୍ସରେ ସୋମବାର ଶିଳ୍ପ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟର ଉଦ୍ଘାଟନ ପାଇଁ ପହଞ୍ଚିଥିଲେ । ଏହି ଅବସରରେ ସଭାକୁ ସମ୍ବୋଧନ କରୁଥିବା ବେଳେ ସେ ଅଚାନକ ଉପପ୍ରଧାନମନ୍ତ୍ରୀ ୟାଙ୍ଗ୍ ସଙ୍ଗ-ହୋଙ୍କୁ ପଦରୁ ହଟାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ । ତାଙ୍କୁ ଜୋରଦାର ଭର୍ତ୍ସନା ବି କରିଥିଲେ । ବିଳମ୍ବ ହେବା ପୂର୍ବରୁ ତୁରନ୍ତ ପଳାଇ ଯାଅ ବୋଲି କହିଥିଲେ । କିମ୍ କହିଥିଲେ, ବଳଦ ହିଁ ଗାଡ଼ି ଟାଣିପାରିବ, ଛେଳି ନୁହେଁ ।ସରକାରୀ ବ୍ୟବସ୍ଥାରେ ତାଙ୍କୁ ଦାୟିତ୍ୱ ଦେଇ ମୁଁ ଭୁଲ କରିଛି । ସେ ଆହୁରି କହିଥିଲେ, ୟୋଙ୍ଗସୋଙ୍ଗ ମେସିନ କମ୍ପ୍ଲେକ୍ସର ପ୍ରଥମ ପର୍ଯ୍ୟାୟର ଆଧୁନିକୀକରଣରେ ହୋଇଥିବା ଗମ୍ଭୀର ଭୁଲକୁ ସୁଧାରିବା ସକାଶେ ୟାଙ୍ଗଙ୍କୁ ଅନେକ ବାର ସୁଯୋଗ ଦିଆଯାଇଥିଲା । ଏହାସତ୍ତ୍ୱେ କାମରେ କୌଣସି ସୁଧାର



ଆସିନାହିଁ । ୟାଙ୍ଗଙ୍କୁ ପଦରୁ ହଟାଇବା ଜରୁରି ଥିଲା । ସେଥିପାଇଁ ମୁଁ ନିଷ୍ପତ୍ତି ନେଇଛି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଦଳବିରୋଧୀ କାର୍ଯ୍ୟ କରିଛନ୍ତି । ୟାଙ୍ଗ ଦଳର କେନ୍ଦ୍ରୀୟ କମିଟିକୁ ଏଭଳି ପରାମର୍ଶ ଦେଇଥିଲେ, ଯାହା ବ୍ୟବହାରିକ ନ ଥିଲା କି ସତ୍ୟତା ଉପରେ ଆଧାରିତ ଥିଲା । ସେ ନିଜ ଫାଇଦା ପାଇଁ ଦଳକୁ ଭୁଆଁ ବୁଲାଇବାକୁ ଉଦ୍ୟମ କରିଥିଲେ । ଏମିତି କି ଗତ ମାସରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମଧ୍ୟ ସେ ସମାନ ଭୁଲ ଦୋହରାଇଥିଲେ। ଏହାସତ୍ତ୍ୱେ ତାଙ୍କୁ ଆଉ ଏକ ସୁଯୋଗ ମିଳିଥିଲା। କିନ୍ତୁ ପରେ ଜଣାପଡ଼ିଥିଲା ଯେ ତାଙ୍କଠାରେ ଆଦୌ ଦାୟିତ୍ୱ ମନୋଭାବ ନାହିଁ । ବାସ୍ତବରେ ଏହି ବ୍ୟକ୍ତି ଜଣକ ଆରମ୍ଭରୁ ହିଁ ଏମିତି ଥିଲେ । ବଡ଼ ଦାୟିତ୍ୱ ନିର୍ବାହ କରିବାକୁ ସେ ଯୋଗ୍ୟ ନୁହନ୍ତି । ୟାଙ୍ଗ୍ ସଙ୍ଗ୍-ହୋ ପୂର୍ବରୁ ଦେଶର ମେସିନ ଉଦ୍ୟୋଗ ମନ୍ତ୍ରୀ ରହିଥିଲେ । ପରେ ତାଙ୍କୁ ପଦୋନ୍ନତି ଦେଇ ଉପପ୍ରଧାନମନ୍ତ୍ରୀ ପଦରେ ରହି ମେସିନରି କ୍ଷେତ୍ରର ଦାୟିତ୍ୱ ବୁଝିବାକୁ କୁହାଯାଇଥିଲା । କେସିଏନ୍ଏ ରିପୋର୍ଟ ମୁତାବକ, କିମ୍ ୟୋଙ୍ଗସୋଙ୍ଗ୍ ମେସିନ କମ୍ପ୍ଲେକ୍ସକୁ ଆଧୁନିକ ବନାଇବା ପାଇଁ ୟାଙ୍ଗଙ୍କୁ ଦାୟିତ୍ୱ ଦେଇଥିଲେ । କିନ୍ତୁ କାମରେ ବାରମ୍ବାର ଅଯଥା ବିଳମ୍ବ ହୋଇଥିଲା । ଏହି ବିଳମ୍ବ ପାଇଁ ଆର୍ଥିକ ନୀତି ସହ ଜଡ଼ିତ ଅଧିକାରୀଙ୍କୁ ବି ଦୋଷ ଦେଇଛନ୍ତି କିମ୍ । ଅଧିକାରୀଙ୍କ ବେପରୁଆ ମନୋଭାବ ଏବଂ ଅଯୋଗ୍ୟତା ଯୋଗୁ ଏହି ପ୍ରକଳ୍ପରେ ଅନେକ ତ୍ରୁଟି ବିଚ୍ୟୁତ ଦେଖାଦେଇଥିବା କିମ୍ ଅଭିଯୋଗ କରିଛନ୍ତି ।

# ସର୍ବକାଳୀନ ରେକର୍ଡ ଭାଙ୍ଗିଲା ସୁନା ଦର

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):**ସର୍ବକାଳୀନ ରେକର୍ଡ ଭାଙ୍ଗିଲା ଆଜିର ସୁନା ଦର । ଆକାଶଛୁଆଁ ସୁନା ଦର । ଦେଢ଼ଲକ୍ଷ ଟପିଲା ୨୪ କ୍ୟାରେଟ୍ ସୁନା । ଗୋଟିଏ ଦିନରେ ୧୦୧୦ଟଙ୍କା ବଢ଼ିଲା ସୁନା । ଗତକାଲି ସୁନା ଦର ୧,୫୦,୫୬୫ ଥିବା ବେଳେ ଆଜି ୨୪ କ୍ୟାରେଟ ସୁନା ଦର ୧,୫୧,୫୭୫ ଟଙ୍କାରେ ପହଞ୍ଚିଛି । ସେହିପରି ୨୨ କ୍ୟାରେଟ୍ ଦାମ୍ ୧ ଲକ୍ଷ ୪୧ ହଜାର ୯ ଶହ ଟଙ୍କା ଛୁଇଁଥିବା ବେଳେ ୧୮ କ୍ୟାରେଟ୍ ଦାମ୍ ୧ ଲକ୍ଷ ୧୬ ହଜାର ୧୧୦ ଟଙ୍କା ରହିଛି । ଫ୍ୟୁଚର୍ ବଜାରରେ ସୁନାର ଦାମ ପ୍ରାୟ ୩ ପ୍ରତିଶତ ବୃଦ୍ଧି ଦର୍ଶାଇଛି । ରୂପା ମଧ୍ୟ ୧୬୦୦ ଟଙ୍କା ମହଙ୍ଗା ହୋଇଛି । ସ୍ପଟ୍ ମାର୍କେଟରେ ମଧ୍ୟ ଦୁନା-ରୂପା ଦରରେ ଚମକ ଦେଖିବାକୁ ମିଳିଛି । ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପ୍ରତି ୪୫୫୦ ଟଙ୍କା ବୃଦ୍ଧି ସହିତ ୧,୫୫,୭୮୦ ଟଙ୍କାକୁ ପହଞ୍ଚିଛି । ସେହିପରି ରୂପାର ଦାମ ୧୯୯୦ ଟଙ୍କା ବଢ଼ି ୩,୨୫,୯୧୦ ଟଙ୍କା ପ୍ରତି କିଲୋ ହୋଇଛି ।

# ଚାବାହାର ବନ୍ଦର ନେଇ ଆମେରିକାକୁ ଇରାନର କଡ଼ା ଜବାବ

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):**ଇରାନ ଓ ଆମେରିକା ମଧ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଚାବାହାର ବନ୍ଦରରେ ଭାରତର ଗୁରୁତ୍ୱପୂର୍ଣ୍ଣ ନିବେଶକୁ ନେଇ କଳ୍ପନାଜଳ୍ପନା ବୃଦ୍ଧି ହୋଇଛି । ଚାବାହାର ବନ୍ଦର ଉପରେ ଆମେରିକାର ପ୍ରତିବନ୍ଧକରୁ ଛାଡ୍ ଆସନ୍ତା ଏପ୍ରିଲ ୨୬ ତାରିଖରେ ଶେଷ ହେବାକୁ ଯାଉଛି । ଯଦି ଆମେରିକା ଛାଡକୁ ବୃଦ୍ଧି ନ କରେ, ତେବେ ଭାରତୀୟ ନିବେଶ ବିପଦରେ ପଡ଼ିପାରେ । ତଥାପି, ଭାରତ କହିଛି ଯେ, ଚାବାହାର ବନ୍ଦରରେ ନିଜର ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଆମେରିକା ସହିତ ଯୋଗାଯୋଗ କରାଯାଉଛି। ଏହି ସମୟରେ, ଜଣେ ବରିଷ୍ଠ ଇରାନୀ ଅଧିକାରୀ ଭାରତ ସହିତ ସମ୍ପର୍କକୁ ଅତୁଟ ବୋଲି ବର୍ଣ୍ଣନା କରିଛନ୍ତି, କେହି ଇରାନ ଓ ଭାରତ ମଧ୍ୟରେ ସମ୍ପର୍କକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ । ଇରାନର ଜାତୀୟ ସୁରକ୍ଷା କମିସନର ସଦସ୍ୟ ସାଲାର ଭେଲାୟତମାଦ୍ଦର ଚାବାହାର ବନ୍ଦରକୁ ଭାରତ-ଇରାନ ସମ୍ପର୍କରେ ଏକ ପ୍ରମୁଖ ସ୍ତମ୍ଭ ଭାବରେ ବର୍ଣ୍ଣନା କରିଛନ୍ତି। ସେ ବିଶ୍ୱରେ ଅସ୍ଥିରତା ବିସ୍ତାର କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି,ବିଶ୍ୱର ପରିସ୍ଥିତି ଭଲ ନୁହେଁ । ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ମର୍ଯ୍ୟାଦାଜନକ ନୁହେଁ । ସେ ପ୍ରତ୍ୟେକ ଦେଶରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଫଳରେ ଦେଶଗୁଡ଼ିକ ଅସ୍ଥିରତାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କ ମଧ୍ୟରେ ଆମର ବନ୍ଧୁ ଦେଶ ଭାରତ ରହିଛି । ଇରାନ ଅଧିକାରୀ ଭେଲାୟତମାଦ୍ଦର ଭାରତ ସହିତ ଇରାନର ଐତିହାସିକ ସମ୍ପର୍କକୁ ଉଲ୍ଲେଖ କରି କହିଛନ୍ତି ଯେ, ଦୁଇ ଦେଶ ଭାଷା, ସଂସ୍କୃତି ଓ ପରମ୍ପରାରେ ସମାନତା ରହିଛି । ଭାରତ ଓ ଇରାନ ମଧ୍ୟରେ ଥିବା ଦୃଢ଼ ସମ୍ପର୍କକୁ କେହି କ୍ଷତି ପହଞ୍ଚାଇ ପାରିବେ ନାହିଁ । ଆମର ପାରସ୍ପରିକ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଆମେ ଚାବାହାରରେ ଭାରତର ନିବେଶ ଚୁକ୍ତିନାମାକୁ ଚୂଡ଼ାନ୍ତ କରିଛୁ । ଚାବାହାର ବନ୍ଦରରେ ନିବେଶକୁ ସୁରକ୍ଷିତ ରଖିବା ସମ୍ପର୍କରେ ଭାରତର ସାମ୍ପ୍ରତିକ ବିବୃତି ସମ୍ପର୍କରେ, ଇରାନ ଜାତୀୟ ସୁରକ୍ଷା କମିସନର ଜଣେ ସଦସ୍ୟ କହିଛନ୍ତି ଯେ, ଭାରତର ସ୍ଥିତି ଯୁକ୍ତିଯୁକ୍ତ । ଭାରତୀୟ ଅଧିକାରୀମାନେ ବୁଝନ୍ତି ଯେ, ଶତ୍ରୁ ଓ ପ୍ରତିଦ୍ୱନ୍ଦ୍ୱୀଙ୍କ ଉତ୍ତେଜନାମୂଳକ କାର୍ଯ୍ୟ ଏହି ସହଭାଗୀତାକୁ ପ୍ରଭାବିତ କରିବା ଉଚିତ ନୁହେଁ । ଆମ ଦୃଷ୍ଟିରୁ କିଛି ମଧ୍ୟ ପରିବର୍ତ୍ତନ ହୋଇନାହିଁ । ଇରାନରେ ସାମ୍ପ୍ରତିକ ପ୍ରତିବାଦ ଏକ ବିଦେଶୀ ଷଡ଼ଯନ୍ତ୍ର । ଏବେ ଇରାନରେ ସୁରକ୍ଷା ଓ ସ୍ୱାଭାବିକତା ଫେରି ଆସିଥିବା ସେ କହିଛନ୍ତି ।



# ବିଶ୍ୱ ଦେଖିବ ଭାରତର ପ୍ରଥମ ଆଣ୍ଟି-ସିପ୍ ମିସାଇଲ୍

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):**ସୁଦୃଢ଼ ହେବ ଭାରତର ପ୍ରତିରକ୍ଷା କ୍ଷେତ୍ର । ଜାନୁଆରୀ ୨୬ରେ ଭାରତକୁ ମିଳିବ ଆଉ ଏକ ସଫଳତା । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (DRDO) ଦ୍ୱାରା ବିକଶିତ ହୋଇଛି ଲମ୍ବା ଦୂରଗାମୀ ଜାହାଜ ନିରୋଧୀ ହାଇପରସୋନିକ୍ ଗ୍ଲାଇଡ୍ କ୍ଷେପଣାସ୍ତ୍ର (LRASHM) । ପ୍ରଥମ ଥର ପାଇଁ ୭୭ତମ ଗଣତନ୍ତ୍ର ଦିବସ ପରେଡରେ ସାର୍ବଜନୀନ ଭାବରେ ପ୍ରଦର୍ଶିତ ହେବ । ୧୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାରେ ସକ୍ଷମ ଏହି କ୍ଷେପଣାସ୍ତ୍ର ଭାରତ ମହାସାଗର କ୍ଷେତ୍ରରେ ଭାରତର ରଣନୈତିକ ସ୍ଥିତିକୁ ମଜବୁତ କରିବ । ଭାରତୀୟ ନୌସେନାର ଆବଶ୍ୟକତା ପୂରଣ କରିବା ପାଇଁ LRASHM ବିଶେଷ ଭାବରେ ବିକଶିତ କରାଯାଉଛି । ଏହି କ୍ଷେପଣାସ୍ତ୍ର ହାଇପରସୋନିକ୍ ବେଗରେ ଉଡ଼େ, ଅର୍ଥାତ ଏହା ଶବ୍ଦର ବେଗ ଅପେକ୍ଷା ଅନେକ ଗୁଣ ଦ୍ରୁତ ବେଗରେ ଗତି କରେ । ଏହି ଦ୍ରୁତ ବେଗ ଶତ୍ରୁ ରାଡାର ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଏହାକୁ ଠିକ୍ ସମୟ ଭିତରେ ଚିହ୍ନଟ କରିବା ସହ ଏହାକୁ ଅଟକାଇଥାଏ । ଏହି କ୍ଷେପଣାସ୍ତ୍ର ବିଭିନ୍ନ ପ୍ରକାରର ପେଲୋଡ୍ ବହନ କରିବାରେ ସକ୍ଷମ ଏବଂ ସମୁଦ୍ରରେ ନିୟୋଜିତ ଶତ୍ରୁ ଜାହାଜର ଅସ୍ତ୍ରଶସ୍ତ୍ର ପ୍ରଣାଳୀକୁ ସିଧାସଳଖ ଟାର୍ଗେଟ୍ କରିପାରିବ । ଏହାର ଉଚ୍ଚ ଗତି ଏହାକୁ ସାମୁଦ୍ରିକ ଯୁଦ୍ଧରେ ଏକ ଅତ୍ୟନ୍ତ ଘାତକ ଅସ୍ତ୍ର କରିଥାଏ । ବିଶେଷଜ୍ଞଙ୍କ ମତରେ, ଏହା ଭାରତୀୟ ନୌସେନାର ଆକ୍ରମଣ କ୍ଷମତା ଏବଂ ସମୁଦ୍ର ନିୟନ୍ତ୍ରଣ ଉଭୟକୁ ଯଥେଷ୍ଟ ବୃଦ୍ଧି କରିବ ।

# ‘ବେଆଇନ ଖଣି ଖନନ ଦ୍ୱାରା ଅପୂରଣୀୟ କ୍ଷତି ଘଟିପାରେ’

**ନୂଆଦିଲ୍ଲୀ,୨୧।୧(ଏଜେନ୍ସି):**ବେଆଇନ ଖଣି ଖନନ ଦ୍ୱାରା ପରିବେଶର ଅପୂରଣୀୟ କ୍ଷତି ହୋଇପାରେ ବୋଲି ଦର୍ଶାଇ ସୁପ୍ରିମକୋର୍ଟ ବୁଧବାର କହିଛନ୍ତି ଯେ, ଆରାବଳିରେ ଖଣି ଖନନ ଓ ଆନୁଷଙ୍ଗିକ ସମସ୍ୟାର ବିସ୍ତୃତ ଓ ସାମଗ୍ରିକ ଯାଞ୍ଚ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟି, ଆମିକସ୍ କ୍ୟୁରି କେ ପରମେଶ୍ୱରଙ୍କୁ ଚାରି ସପ୍ତାହ ମଧ୍ୟରେ ଖଣି ଉପରେ ପାରଦର୍ଶିତା ଥିବା ପରିବେଶବିତ ଓ ବୈଜ୍ଞାନିକଙ୍କ ନାମ ସୁପାରିସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି କୋର୍ଟଙ୍କ ନିର୍ଦ୍ଦେଶ ଓ ତତ୍ତ୍ୱାବଧାନରେ କାର୍ଯ୍ୟ କରିବ ବୋଲି ଖଣ୍ଡପୀଠ କହିଛନ୍ତି ।ସୁପ୍ରିମକୋର୍ଟ ମଧ୍ୟ ଏହାର ଆଦେଶକୁ ସମ୍ପ୍ରସାରିତ କରିଛନ୍ତି, ଯାହା ନଭେମ୍ବର ୨୦ରେ ଆରାବଳି ପାହାଡ଼ ଓ ପର୍ବତମାଳାର ଏକ ସମାନ ସଂଜ୍ଞା ଗ୍ରହଣ କରିଥିବା ନିର୍ଦ୍ଦେଶକୁ ସ୍ଥଗିତ ରଖିଥିଲେ । ଶୁଣାଣି ସମୟରେ ସୁପ୍ରିମକୋର୍ଟଙ୍କୁ ସୂଚନା ଦିଆଯାଇଥିଲା ଯେ ବିଭିନ୍ନ ସ୍ଥାନରେ ବେଆଇନ ଖଣି ଖନନ ଚାଲିଛି । ଏଥିସହ ରାଜସ୍ଥାନ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ କେଏମ ନଟରାଜଙ୍କ ଆଶ୍ୱାସନାକୁ ଖଣ୍ଡପୀଠ ଗ୍ରହଣ କରିଛନ୍ତି ଯେ ଏପରି କୌଣସି ଅନଧିକୃତ ଖନନ ହେବ ନାହିଁ । ଆରାବଳିର ନୂତନ ସଂଜ୍ଞାକୁ ନେଇ ଉତ୍ତେଜନା ମଧ୍ୟରେ ଗତ ବର୍ଷ ଡିସେମ୍ବର ୨୯ରେ ସର୍ବୋଚ୍ଚ ନ୍ୟାୟାଳୟ ନଭେମ୍ବର ୨୦ରେ ଏହି ପାହାଡ଼ ଓ ପର୍ବତମାଳାର ଏକ ସମାନ ସଂଜ୍ଞା ଗ୍ରହଣ କରିଥିବା ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିଥିଲେ । ନଭେମ୍ବର ୨୦ ତାରିଖରେ ସୁପ୍ରିମକୋର୍ଟ ଆରାବଳି ପାହାଡ଼ ଓ ପର୍ବତମାଳାର ଏକ ସମାନ ସଂଜ୍ଞାକୁ ଗ୍ରହଣ କରିଥିଲେ ଏବଂ ବିଶେଷଜ୍ଞଙ୍କ ରିପୋର୍ଟ ପ୍ରକାଶ ନ ହେବା ପର୍ଯ୍ୟନ୍ତ ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟ ଅଞ୍ଚଳରେ ନୂତନ ଖଣି ଲିଜ୍ ପ୍ରଦାନ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ବିଶ୍ୱର ସର୍ବ ପୁରାତନ ପର୍ବତ ପ୍ରଣାଳୀର ସୁରକ୍ଷା ପାଇଁ ଆରାବଳି ପାହାଡ଼ ଓ ପର୍ବତମାଳାର ସଂଜ୍ଞା ଉପରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଏକ କମିଟିର ସୁପାରିଶକୁ କୋର୍ଟ ଗ୍ରହଣ କରିଥିଲେ । କମିଟି ସୁପାରିଶ କରିଥିଲା ଯେ ଆରାବଳି ଜିଲ୍ଲାରେ ଏହାର ସ୍ଥାନୀୟ ରିଲିଫଠାରୁ ୧୦୦ ମିଟର କିମ୍ବା ତା’ଠାରୁ ଅଧିକ ଉଚ୍ଚତା ବିଶିଷ୍ଟ ଯେକୌଣସି ଭୂଖଣ୍ଡକୁ ଆରାବଳି ପାହାଡ଼ ଏବଂ ପରସ୍ପରଠାରୁ ୫୦୦ ମିଟର ଭିତରେ ଥିବା ଏହିପରି ଦୁଇ କିମ୍ବା ଅଧିକ ପାହାଡକୁ ଆରାବଳି ପର୍ବତମାଳା ଭାବରେ ବିବେଚନା କରାଯିବ ।



# ଭଲ ନିଦ୍ରା ପାଇଁ ଆଲମଣ୍ଡ ଅତ୍ୟନ୍ତ ଜରୁରୀ

**ଭୁବନେଶ୍ୱର, ୨୧।୧ (ନି.ପ୍ର) :** ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଅନିଦ୍ରା ଏକ ମୁଖ୍ୟ ସମସ୍ୟା ପାଲଟିଛି । କିନ୍ତୁ ଆପଣ ଜାଣନ୍ତି କି, କେବଳ ମୁଠାଏ ଆଲମଣ୍ଡ ଆପଣଙ୍କୁ ଏହି ସମସ୍ୟାରୁ ମୁକ୍ତି ଦେଇପାରିବ । ବିଶେଷଜ୍ଞଙ୍କ ମତରେ, ଭଲ ନିଦ୍ରା ପାଇଁ ଆଲମଣ୍ଡ ଅତ୍ୟନ୍ତ ଜରୁରୀ । ତେବେ ବଲିଉଡ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ୨୦୨୬ ବର୍ଷକୁ ଅତି ସରଳ ଓ ସକାରାତ୍ମକ ଭାବେ ସ୍ୱାଗତ କରିଛନ୍ତି । ଅନନ୍ୟା ନିଜର ଦୈନନ୍ଦିନ ଜୀବନରେ ଭଲ ନିଦ, ପର୍ଯ୍ୟାପ୍ତ ପାଣି ଏବଂ ନିୟମିତ ବ୍ୟାୟାମ ସହିତ ପ୍ରତିଦିନ ସକାଳେ 'ଏକ ମୁଠା କାଲିଫର୍ଣ୍ଣିଆ ଆଲମଣ୍ଡ' ଖାଇବାକୁ ନିଜର ରୁଟିନ୍‌ରେ ସାମିଲ କରିଛନ୍ତି । ଆଲମଣ୍ଡରେ ଥିବା ଭିଟାମିନ୍-ଇ ଶରୀରକୁ ଶକ୍ତି ଯୋଗାଇବା ସହ ତ୍ୱଚାକୁ ସୁନ୍ଦର ରଖିବାରେ ସାହାଯ୍ୟ କରିଥାଏ । ସମୟ କେତେ ଶୀଘ୍ର ବିତିଯାଉଛି ଏବଂ 'ନୂଆ ବର୍ଷ, ନୂଆ ମୁଁ' ଭଳି ଚିନ୍ତାଧାରା ମନରେ କିପରି ଚାପ ସୃଷ୍ଟି କରୁଛି, ସେକଥାକୁ ଅନନ୍ୟା ସ୍ୱୀକାର କରିଛନ୍ତି । ସେଥିପାଇଁ ଅସମ୍ଭବ ଲକ୍ଷ୍ୟ ପଛରେ ନଗୋଡ଼ାଇ ସେ ଏକ ସହଜ ପଦ୍ଧତି ଆପଣାଇଛନ୍ତି, ଯେଉଁଥିରେ ଛୋଟ କିନ୍ତୁ ସ୍ଥାୟୀ ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଇଛି । ଭଲ ନିଦ ଶୋଇବା,



ପର୍ଯ୍ୟାପ୍ତ ପାଣି ପିଇବା ଏବଂ ନିୟମିତ ବ୍ୟାୟାମ କରିବା ସହିତ ଏକ ମୁଠା କାଲିଫର୍ଣ୍ଣିଆ ଆଲମଣ୍ଡ ଖାଇବା ତାଙ୍କ ଜୀବନଶୈଳୀର ଅଂଶ ।

ସେ ନିଜ ସକାଳ ରୁଟିନ୍‌ର ଏକ ସହଜ ଅଭ୍ୟାସ ବିଷୟରେ ମଧ୍ୟ କହିଛନ୍ତି, ଯାହା ହେଉଛି ଦିନର ଆରମ୍ଭ ଏକ ମୁଠା କାଲିଫର୍ଣ୍ଣିଆ ଆଲମଣ୍ଡ ସହିତ କରିବା । ଶକ୍ତିର ଏକ ପ୍ରାକୃତିକ ଉତ୍ସ ଭାବରେ ଆଲମଣ୍ଡ ତାଙ୍କୁ ଦିନସାରା ସଚଳ ରଖିବାରେ ସାହାଯ୍ୟ କରେ । ଏଥିସହିତ, ଏଥିରେ ଥିବା ସ୍ୱାସ୍ଥ୍ୟକର ଚର୍ବି ଏବଂ ଭିଟାମିନ୍-ଇ ତ୍ୱଚାର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବା ସହ ବୟସର ଛାପ ଦୂର କରିବାରେ (ଆଂଟି ଏଜିଙ୍ଗ) ସାହାଯ୍ୟ କରିଥାଏ ।

# ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ନୂଆ କୁଶକ ଉନ୍ମୋଚିତ

**କୋଚି, ୨୧।୧ (ନି.ପ୍ର):** ସ୍କୋଡା ଅଟୋ ଇଣ୍ଡିଆ । ନୂଆ । କୁଶକର ପ୍ରଚଳନ କରିଛି ଯାହାକି ମୂଲ୍ୟବୋଧ, ନିରାପତ୍ତା, ଡାଇନାମିକ୍ସର ନୂତନ ସଂଜ୍ଞା ପ୍ରତିପାଦିତ କରିବା ସହ ୟୁରୋପୀୟ ଜ୍ଞାନକୌଶଳର ଗଣତାନ୍ତ୍ରିକରଣ ରଣନୀତିକୁ ଅଧିକ ସୁସ୍ପଷ୍ଟ କରିଛି । କୁଶକ ହେଉଛି ଭାରତ ୨.୦ ରଣନୀତି ଅଧୀନରେ ଏହି ବ୍ରାଣ୍ଡର ପ୍ରଥମ କାର୍ ଏବଂ ଏହା ଭାରତରେ କମ୍ପାନିର ଦ୍ରୁତ ଅଭିବୃଦ୍ଧିର ତ୍ୱରକ ପାଲଟିଛି । ଏହାର ସେଗମେଣ୍ଟର ପ୍ରଥମ ଜ୍ଞାନକୌଶଳ ଯେପରିକି ସମ୍ପୂର୍ଣ୍ଣ ନୂଆ । ଆ୦-ସ୍ପିଡ ଟର୍କ କନଭର୍ଟରେ ଅଟୋମାଟିକ ଟ୍ରାନ୍ସମିଶନ୍, ରିୟର ସିଟ୍ ମସାଜ ଫଙ୍କସନ୍, ଏବଂ ଅଗଣିତ ସମ୍ପୂର୍ଣ୍ଣ ନୂଆ । ଫିଚର ଏବଂ ଷ୍ଟାଣ୍ଡାର୍ଡ ଉପକରଣ ସହିତ ଏହି ନୂଆ । କୁଶକ ଭାରତୀୟ ସଡ଼କରେ ୟୁରୋପୀୟ ଇଞ୍ଜିନିୟରିଂଙ୍କୁ ଅଧିକ ସୁଲଭ କରିବା ପାଇଁ ସ୍କୋଡା ଅଟୋଇଣ୍ଡିଆ ।ର କୌଶଳକୁ ଅନୁସରଣ କରୁଛି ।

କ୍ଲାଉସ୍ ଜେଲମେର୍, ସ୍କୋଡା ଅଟୋର କହିଛନ୍ତି, ''ଏହି ଅପଡେଟେଡ୍ କୁଶକ ଆନ୍ତର୍ଜାତୀୟ ବଜାରରେ ଆମର ବୃଦ୍ଧି ପାଇଁ ସ୍କୋଡା ଅଟୋର କୌଶଳ ପାଇଁ ସ୍ପ୍ରିଙ୍ଗବୋର୍ଡ ଭାବେ ଭାରତର ଗୁରୁତ୍ୱକୁ ପ୍ରତିପାଦିତ କରିଛି । ଏହି କୁଶକ ଭାରତର ଗ୍ରାହକଙ୍କ ମଧ୍ୟରେ ଦ୍ରୁତ ଗତିରେ ଲୋକପ୍ରିୟ ହୋଇଛି ଏବଂ ASEAN ଓ ମଧ୍ୟପ୍ରାଚ୍ୟକୁ ରପ୍ତାନି କରାଯାଉଛି ।



ବର୍ତ୍ତମାନ ଆମ୍ଭେମାନେ ଏହି ମଡେଲର ସାମଗ୍ରିକ ଭ୍ୟାଲ୍ୟୁ ପ୍ରପୋଜିସନ୍ ପାଇଁ ପରବର୍ତ୍ତୀ ବେଞ୍ଚମାର୍କ ଧାର୍ଯ୍ୟ କରୁଛୁ । ଏହି ଅପଡେଟ୍ ହୋଇଥିବା ଆଧୁନିକ ସଲିଡ୍ ଡିଜାଇନ୍ ଏଲିମେଣ୍ଟ ସହିତ ଇନଫୋଟେନମେଣ୍ଟ ଏବଂ ଡ୍ରାଇଭର ଆସିଷ୍ଟାନ୍ସ ଫିଚରରେ ବ୍ୟାପକ ଅଗ୍ରଗତି ରହିଛି । କୋଡିଆକ୍ ଏବଂ କାଇଲାକ୍ ସହିତ ସ୍କୋଡା ଅଟୋ ଭାରତୀୟ ବଜାରରେ ଏକ ୫ଟ୦ ଫ୍ଲିଟ୍ ପ୍ରଦାନ କରୁଛି ଯାହାକି ନିର୍ଦ୍ଦିଷ୍ଟ ବର୍ଗ ଏବଂ ମୂଲ୍ୟବିନ୍ଦୁ ଗୁଡ଼ିକର ଆବଶ୍ୟକତା ପୂରଣ କରୁଛି । କୁଶକକୁ ପରବର୍ତ୍ତୀ ସ୍ତରକୁ ନେବା ଅତିରିକ୍ତ ଚାହିଦା ପାଇଁ ସୁଯୋଗ ସୃଷ୍ଟି କରିଛି ଏବଂ ୟୁରୋପ ବାହାରେ ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବଜାରରେ ଅତିରିକ୍ତ ଅଭିବୃଦ୍ଧି ଆଣିଦେଇଛି ।''

ଆଶିଷ ଗୁପ୍ତା, ବ୍ରାଣ୍ଡ ନିର୍ଦ୍ଦେଶକ, ସ୍କୋଡା ଅଟୋ ଇଣ୍ଡିଆ । କହିଥିଲେ, ''ସ୍କୋଡାରେ, ଆମର ଲକ୍ଷ୍ୟ ହେଉଛି ୟୁରୋପୀୟ ଜ୍ଞାନକୌଶଳର ଗଣତନ୍ତ୍ରୀକରଣ ଏବଂ ଭାରତବ୍ୟାପୀ ଗ୍ରାହକମାନଙ୍କ ପାଇଁ ଏହାକୁ ସହଜରେ ଉପଲବ୍ଧ କରାଇବା । ଆଜିକାଲି, ବିଭିନ୍ନ ସହର ଓ ଅଞ୍ଚଳ ମଧ୍ୟରେ ସୀମାରେଖା ଝାପସା ହୋଇଗଲାଣି ଏବଂ ଆକାଂକ୍ଷା ଦିନକୁ ଦିନ ବଢୁଛି । ଆମ୍ଭେମାନେ ଏହି ନୂଆ । କରି ସୃଷ୍ଟି ହେଉଥିବା ଗ୍ରାହକମାନଙ୍କର ପ୍ରାଥମିକତା ପୂରଣ କରିବା ପାଇଁ ପ୍ରଡକ୍ଟମାନ ଲଞ୍ଚ କରି ଏହି ଆକାଂକ୍ଷା ପୂରଣ କରୁଛୁ । ଆଜି ନୂଆ । କୁଶକର ପ୍ରିମିୟର ସହିତ ଆମେ ଅତିରିକ୍ତ ଭାବରେ ଏକ ଏହି ଶ୍ରେଣୀର ଅଗ୍ରଣୀ ରେଞ୍ଜ ଆମର ପୋର୍ଟଫୋଲିଓବ୍ୟାପୀ ''ରିୟଲ ଅଟୋମେଟିକ'', ଯାହାକି ୫ଟ୦ ସହିତ ପ୍ରଦାନ କରିଥାଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିରାପତ୍ତା, ଆରାମ, ଡିଜାଇନ୍ ଏବଂ ମାନକ ଭାବରେ ସୁବିଧାଜନକ ଫିଚରଗୁଡ଼ିକ ତଥା ଏସବୁର ନେତୃତ୍ୱ ନେଇଥାଏ ଆମର ପ୍ରମାଣିତ ୟୁରୋପିଆନ୍ ଇଞ୍ଜିନିୟରିଂ, ଆମ ପରମ୍ପରାକୁ ଅଧିକ ସୁଦୃଢ଼ କରୁଛୁ । ଆମ୍ଭେମାନେ କ୍ରମାଗତ ଭାବରେ ଆମର ଗ୍ରାହକମାନଙ୍କୁ ଶୁଣୁଛୁ ଏବଂ ନୂତନ କୁଶକ ହେଉଛି ଆମର ପୋର୍ଟଫୋଲିଓକୁ ଆଧୁନିକ ତଥା ଆମର ବୃଦ୍ଧି ପାଉଥିବା ସ୍କୋଡା ପରିବାର ପାଇଁ ପ୍ରାସଙ୍ଗିକ ଭାବରେ ବଜାୟ ରଖିବା ପାଇଁ ଆଉ ଏକ ପଦକ୍ଷେପ । ଭଲ ପାଇବା ସହଜୟ ମେଡ୍ ଇନ ଇଣ୍ଡିଆ, ଫର୍ ଇଣ୍ଡିଆ ।

୨୦୨୧ରେ, କୁଶକର ପ୍ରବେଶ ସହିତ କୁଶକ ନାମଟି ସଂସ୍କୃତ ଶବ୍ଦ ସମ୍ରାଟରୁ ଆହରଣ କରାଯାଇଛି ଏହା ଥିଲା ଇଣ୍ଡିଆ । ୨.୦ ରଣନୀତି ଅଧୀନରେ ଭାରତ ବଜାରରେ ସ୍କୋଡା ଅଟୋର ପ୍ରଥମ ଉତ୍ପାଦ । ଏହା ଥିଲା MQB-A0-IN ପ୍ଲାଟଫର୍ମରେ ପ୍ରଥମ କାର୍ ଯାହାକି ଭାରତୀୟ ଟିମ୍ ଏବଂ ଚେକ୍ ରିପବ୍ଲିକ୍ ଦ୍ୱାରା ବିକଶିତ କରାଯାଇଥିଲା ଯାହାର ଲକ୍ଷ୍ୟ ଥିଲା ମାଲିକାନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ସୁଲଭ କରିବା । ନୂତନ କୁଶକ ଏକାଧିକ ନୂଆ । ସେଗମେଣ୍ଟ-ପ୍ରଥମ ଫିଚର ସହିତ ଏହି ଐତିହ୍ୟକୁ ବଜାୟ ରଖିଛି ଯେତେବେଳେ କି ଏହା ସମସ୍ତ ପ୍ରାକ୍ଟିକାଲ୍ ଫିଚର ଏହାର ପୂର୍ବ ବାହନଗୁଡ଼ିକ ପରି ଜାରି ରଖିଛି ଯେପରିକି ଭେଣ୍ଟିଲେସନ୍ ସହିତ ଇଲେକ୍ଟ୍ରିକ ଫ୍ରଣ୍ଟ ସିଟ୍, କ୍ରୁଜ୍ କଣ୍ଟ୍ରୋଲ, ସେନସର ସହିତ ରିୟର-ଭିଉ କ୍ୟାମେରା, ୱାୟାରଲେସ୍ ଚାର୍ଜିଂ ଓ ଅନ୍ୟାନ୍ୟ । ଭାରତୀୟ ବଜାରରେ ପ୍ରାରମ୍ଭିକ ସ୍କୋଡା SUV ଗୁଡ଼ିକ ମଧ୍ୟରେ ଆଜିର କୁଶକର ଉପସ୍ଥିତି କୋଡିଆକ୍ ଏବଂ କାଇଲାକକୁ ଅଧିକ ଲୋକପ୍ରିୟ କରୁଛି ।

# ଆଡ୍‌ଭେଣ୍ଟୋ କମ୍ୟୁନିକେଶନ୍ସକୁ ମିଳିଲା ରିଜିଓନାଲ ପିଆର ଆୱାର୍ଡ

**ଭୁବନେଶ୍ୱର, ୨୧।୧ (ନି.ପ୍ର) :** ଆଡଭେଣ୍ଟୋ କମ୍ୟୁନିକେଶନ୍ସ ଶୀର୍ଷ ୨୦ଟି ପିଆର ଏଜେନ୍ସି ମଧ୍ୟରେ ଏକ ସ୍ଥାନ ପାଇବା ସହିତ ବେଷ୍ଟ ରିଜିଓନାଲ ପିଆର ଆୱାର୍ଡରେ ସମ୍ମାନିତ ହୋଇଛି । ପ୍ରତିଷ୍ଠିତ ମଂଚ ଭାବେ ଇଣ୍ଡିଆସ୍ ରିଜିଓନାଲ ପିଆର ଆୱାର୍ଡସ (ଆଇଆରପିଆରଏ) ୨୦୨୫ ଆଂଚଳିକ ଭାରତରେ ପବ୍ଲିକ



ରିଲେଶନ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସ୍ୱୀକୃତି ପ୍ରଦାନ କରି ଗର୍ବର ସହିତ ଏହାର ବିଜେତାମାନଙ୍କ ନାମ ଘୋଷଣା କରିଛି । ଏହି ଆୱାର୍ଡଗୁଡିକୁ ଜାନୁଆରୀ ୨୦୨୬ରେ ପ୍ରକାଶ କରାଯାଇଥିବା ବେଳେ ଏହାର ଭର୍ଚୁଆଲ ସେରିମନି ଜାନୁଆରୀ ୧୭ ତାରିଖ ୨୦୨୬ରେ ଆୟୋଜିତ ହୋଇଥିଲା, ଯାହା ଆଂଚଳିକ ଯୋଗାଯୋଗ କ୍ଷେତ୍ରର ଉତ୍କୃଷ୍ଟତମ ପ୍ରତିଭା ଓ ଉଦ୍ଭାବନକୁ ଆଲୋକିତ କରିଛି । ଓଡିଶାର ଦୁଇ ଜଣ ପ୍ରଖ୍ୟାତ ପିଆର ପ୍ରଫେସନାଲ ବିଜୟିତା ତ୍ରିପାଠୀ ଓ ପବିତା ମିଶ୍ର ଅଣ୍ଡର ୪୦ ଆୱାର୍ଡସ ବର୍ଗରେ ପ୍ରତିଷ୍ଠିତ ଆରପିଆରଏ ୨୦୨୫ ଆୱାର୍ଡସ ୨୦୨୬ରେ ସମ୍ମାନିତ ହୋଇଛନ୍ତି । ବିଜୟିତା ତ୍ରିପାଠିଙ୍କୁ ବେଷ୍ଟ କ୍ରିଏଟିଭ ଏଂଟରଟେନମେଂଟ କ୍ୟାମ୍ପେନ ଓ ପବିତା ମିଶ୍ରଙ୍କୁ ଲିଡିଙ୍ଗ ପିଆର କ୍ୟାମ୍ପେନ ଫର୍ ଷ୍ଟାର୍ଟଅପ୍ସରେ ସମ୍ମାନିତ କରାଯାଇଛି ।

ଆଇଆରପିଆରଏ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ଓ ଡିଜିଟାଲ ମିଡିଆଠାରୁ ଆରମ୍ଭ କରି ଷ୍ଟାର୍ଟଅପ କମ୍ୟୁନିକେଶନ ଓ ଗ୍ରାମାଂଚଳ ପହଂଚ ପର୍ଯ୍ୟନ୍ତ ବିବିଧ ବର୍ଗରେ ସେମାନଙ୍କର କ୍ୟାମ୍ପେନଗୁଡିକରେ ସୃଜନଶୀଳତା, ରଣନୈତିକ ଉତ୍କର୍ଷତା ଓ ପ୍ରଭାବକୁ ପ୍ରଦର୍ଶିତ କରିଥିବା ପିଆର ପ୍ରଫେସନାଲ ଓ ଏଜେନ୍ସିଗୁଡିକର ଉଲ୍ଲେଖନୀୟ ଯୋଗଦାନକୁ ପାଳନ କରୁଛି । ଏସମ୍ପର୍କରେ ଆଇଆରପିଆରଏର ପ୍ରବକ୍ତା କହିଛନ୍ତି, ଆମେ ଉଲ୍ଲେଖନୀୟ କାର୍ଯ୍ୟଗୁଡିକୁ ସମ୍ମାନିତ କରି ଉତ୍ସାହିତ ଅଛୁ ଯିଏ ଆଂଚଳିକ କାହାଣୀଗୁଡିକୁ କିଭଳି ପ୍ରସ୍ତୁତ ଓ ଯୋଗାଯୋଗ କରାଯାଏ ତାହାକୁ ନୂଆ । ରୂପ ଦେଇଥାଏ । ବିଜେତାମାନେ ପିଆର ଉତ୍କର୍ଷତାର ନୂତନ ପିଢିର ପ୍ରତିନିଧିତ୍ୱ କରୁଛନ୍ତି, ଯାହା ସେମାନଙ୍କ ସମୁଦାୟରେ ଉଦ୍ଭାବନ ଓ ସାର୍ଥକ ଯୋଗଦାନକୁ ଆଗକୁ ବଢାଉଛି ।

# ଡେଲାଙ୍ଗ ବ୍ଲକରେ ବିଭିନ୍ନ ସ୍ଥାନରେ ଖୋଲିଲା ଧାନମଣ୍ଡି

**ଡେଲାଙ୍ଗ,୨୧।୧ (ନି.ପ୍ର):** ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତିରେ ବୁଧବାର ଧାନମଣ୍ଡି ଖୋଲିଛି । ଏହି ଆନୁକୂଲ୍ୟରେ ରେଂଚ ପଂଚାୟତ ଅଧିନରେ ଥିବା କେନ୍ଦୁଶ୍ୱରୀ ପ୍ରାଥମିକ ସେବା ସମବାୟ ସମିତିର ପ୍ରଥମ ଦିନରେ ଧାନମଣ୍ଡିକୁ ସେବା ସମବାୟ ସମିତିର ସଭାପତି ରବିନାରାୟଣ ତାଡ,ପୁରୀ ନିମାପଡା ସମ୍ମିଳିତ କେନ୍ଦ୍ର ସମବାୟ ବ୍ୟାଙ୍କ ଡେଲାଙ୍ଗ ଶାଖା ପରିଚାଳକ ଭରତ ସେନାପତି ପ୍ରମୁଖ ସହ ସମସ୍ତ ସଦସ୍ୟମାନେ ଯୋଗଦେଇ ଆନୁଷ୍ଠାନିକ ଭାବେ ମଣ୍ଡିକୁ ଶୁଭ ଉଦଘାଟନ କରିଥିଲେ । ପ୍ରଥମ ଦିନରେ ୧୦ ଜଣ ଚାଷୀ ଙ୍କ ଠାରୁ ୩ଶହ କୁଇଟାଂଲ ଧାନ କିଣାଯାଇଥିବା ନେଇ ସମ୍ପାଦକ ଦୀପକ କୁମାର ପରିଡା ସୁଚନା ଦେଇଛନ୍ତି । ସେହିପରି ଷଡାଙ୍ଗୋଇ ଉତରବାଡ ପ୍ରାଥମିକ ସେବା ସମବାୟ ସମିତିରେ ପୁରୀ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ



ଜିଲ୍ଲା ସଭାପତି କିଶୋର ଛୋଟରାୟ,ସମବାୟ ସମିତି ସଭାପତି ପ୍ରଶାନ୍ତ କୁମାର ପରିଡା,ସରପଂଚଙ୍କ ପ୍ରତିନିଧୀ କଳ୍ପତରୁ ବରାଳ ,ସମବାୟ ସମିତି ସମ୍ପାଦକ ରାସବିହାରୀ ପରିଡା ପ୍ରମୁଖ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ । ପ୍ରଥମ ଦିନ ମଣ୍ଡିରେ ୫ଜଣ ଚାଷୀଙ୍କ ଠାରୁ ଶହେ କୁଇଟାଂଲ ଧାନ କିଣାଯାଇଥିବା ସମ୍ପାଦକ ଶ୍ରୀପରିଡା ସୁଚନା ଦେଇଛନ୍ତି । ହାକପଡା ପ୍ରାଥମିକ ସେବା ସମବାୟ ସମିତି ରେ ପୁରୀ ନିମାପଡା ସମ୍ମିଳିତ କେନ୍ଦ୍ର ସମବାୟ ବ୍ୟାଙ୍କ ଡେଲାଙ୍ଗ ଶାଖା ପରିଚାଳକ ଶ୍ରୀ ସେନାପତି , ସମବାୟ ସମିତିର ସଭାପତି ଦୈତାରୀ ନାୟକ ,ସମ୍ପାଦିକା ଶୁଭଶ୍ରୀ ସ୍ୱାଇଁ, ନୋଡାଲ ଅଫିସର ସସ୍ମିତା ନାୟକ ପ୍ରମୁଖ ସହ ଚାଷୀମାନେ ଉପସ୍ଥିତିରେ ଧାନମଣ୍ଡି ଉଦଘାଟନ ହୋଇଥିଲା । ପ୍ରଥମଦିନରେ ୫ଜଣ ଚାଷୀ ଧାନ ମଣ୍ଡିରେ ଦେଇଥିବା ସମ୍ପାଦିକା ଶ୍ରୀସ୍ୱାଇଁ ସୁଚନା ଦେଇଛନ୍ତି । ସିଂହପ୍ରହ୍ଲାଦପୁର ପ୍ରାଥମିକ ସେବା ସମବାୟ ସମିତିରେ ମଧ୍ୟ ଧାନ ମଣ୍ଡି ଉଦଘାଟନ ହୋଇଯାଇଛି ।

# ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

**ଅନୁଗୁଳ, ୨୧।୧ (ନି.ପ୍ର):** ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଥାନା ଅଧୀନରେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାର ଆଜି ଚୂଡାନ୍ତ ରାୟ ପ୍ରକାଶ ପାଇଛି । ଅନୁଗୁଳ ଜିଲ୍ଲା ଓ ଦୌରା ଜଜ ଉକ୍ତ ମାମଲାରେ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଚତୁର୍ଭୁଜ ମାଝୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

ସୂଚନା ଯୋଗ୍ୟ ଯେ, ୨୦୨୪ ମସିହା ନଭେମ୍ବର ୪ ତାରିଖ ଦିନ ଛେଣ୍ଡିପଦା ଥାନା ଅଧୀନ ଋଙ୍ଗୁଡିଆ । ଗାଁରେ ଏହି ହତ୍ୟାକାଣ୍ଡ ଘଟିଥିଲା । ପରିବାରିକ ବିବାଦକୁ କେନ୍ଦ୍ର କରି ଅଭିଯୁକ୍ତ ଚତୁର୍ଭୁଜ ମାଝୀ ତାଙ୍କ ସମ୍ପର୍କୀୟ ଚିକୁନ ମାଝୀଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ ।

ଘଟଣାର ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତଙ୍କୁ ସଂଗେ ସଂଗେ ଗିରଫ କରି କୋର୍ଟକୁ ଚାଲାଣ କରିଥିଲା । ପୋଲିସ ପକ୍ଷରୁ ସଂଗୃହୀତ ବଳିଷ୍ଠ ପ୍ରମାଣ ଓ ସାକ୍ଷୀଙ୍କ ବୟାନ ଆଧାରରେ ଅଦାଲତ ଆଜି ଏହି ଦଣ୍ଡାଦେଶ ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ନୂତନ ଆପରାଧିକ ଆଇନ କାର୍ଯ୍ୟକାରୀ ହେବା ପରେ ଅପରାଧ ମାମଲାଗୁଡ଼ିକର ତ୍ୱରିତ ତଦନ୍ତ ଓ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଦଣ୍ଡାଦେଶ ହାର ବୃଦ୍ଧି ପାଉଛି ।

# ପିପିଲି ବ୍ଲକର ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ

**ପିପିଲି, ୨୧।୧ (ନି.ପ୍ର):** ପିପିଲି ବ୍ଲକ ର ବିଭିନ୍ନ ସ୍ଥାନରେ ବୁଧବାର ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ମଙ୍ଗଳପୁର ପ୍ରାଥମିକ ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲିଛି ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ନଡ଼ିଆ । ବାଡେଇ ମଣ୍ଡି ଉଦଘାଟନ କରିଥିଲେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଉପେନ୍ଦ୍ର ବେହେରା, ସମିତି ସଭ୍ୟ ଗଦାଧର ପରିଡା, ସମିତି ସଭାପତି ମାଗୁଣି ଚରଣ ପରିଡା, ସମ୍ପାଦକ ଅବକାଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ଉକ୍ତ ମଣ୍ଡିରେ ପ୍ରଥମ ଦିନରେ ୨୭୯ଜଣ ଚାଷୀ ପଞ୍ଜିକୃତ କରିଥିବାବେଳେ ସାଇକୃପା ମିଲର ୮୭୭କ୍ୟୁଣ୍ଟାଲ ଧାନ କିଣିଛି । ସେହିପରି ପିପିଲି ସେବା ସମବାୟ ସମିତିର ମଣ୍ଡି ପିପିଲି ପଦାପଡ଼ିଆ । ଠାରେ ଉଦଘାଟିତ ହୋଇଯାଇଛି । ସମିତିର ସଭାପତି ଦିଗାମ୍ବର ସ୍ୱାଇଁ ନଡ଼ିଆ । ବାଡେଇ ମଣ୍ଡି ଉଦଘାଟନ କରିଥିଲେ । ଏଥିରେ ପିପିଲି ଯୋଗାଣ



ନିରୀକ୍ଷକ ଦୀପ୍ତି ରଞ୍ଜନ ଇନ୍ଦ୍ରସିଂହ, ପିପିଲି ଆର ଆଇ, ସମିତି ସମ୍ପାଦକ ଲିଟନ କୁମାର ଦାସ, ସମିତି ସଭ୍ୟ କବିରାଜ ସ୍ୱାଇଁ, ବେଣୁଧର ଭଞ୍ଜ,ଜବାର ଖାଁ ଏବଂ ଚାଷୀ ଗନ୍ଧର୍ବ ପରିଡା, ସୁବାସ ବେହେରା, କିଶୋର ଚନ୍ଦ୍ର ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ ପ୍ରଥମ ଦିନରେ ସମିତିରେ ୨୪୮ଜଣ ଚାଷୀ ପଞ୍ଜିକୃତ କରିଥିବାବେଳେ ୩ଜଣ ଚାଷୀ ୮୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି । ସେହିପରି ପିପିଲି ଦୁର୍ଗାଦାସପୁର ପ୍ରାଥମିକ ସେବା ସମବାୟ ସମିତିରେ ଧାନ ମଣ୍ଡି ପଞ୍ଚାୟତ ର ସରପଞ୍ଚ ବିଭୁତି ଭୂଷଣ ନାଥ ଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସମିତିସଭ୍ୟ ପ୍ରତିନିଧି ଜଗତବଲଭ ଖଟୋଇ, ମଣ୍ଡି ନୋଡାଲ ଅଧିକାରିଣୀ ସୁଜାତା ବେହେରା, ସମ୍ପାଦକ ଜ୍ୟୋତିର୍ମୟୀ ଦାଶ, ସଭାପତି ବିଶ୍ୱଜିତ ଦାଶ, ଚାଷୀ ମହେଶ୍ୱର ପରିଡା, ବିଭୁତି ଭୂଷଣ ଦାଶ ସୁରେନ୍ଦ୍ର ପାତ୍ର, ଅମୂଲ୍ୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟର ଅନୁମୋଦନର ଅନ୍ତିମ ପର୍ଯ୍ୟାୟରେ ବନ୍ତଲା ହିଡିସିଙ୍ଗ ଜଳପ୍ରକଳ୍ପ

**ଅନୁଗୋଳ, ୨୧।୧ (ନି.ପ୍ର) :** ଭାରତ ସରକାର ଙ୍କର ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ବିଜେପିର ଏକ ପ୍ରତିନିଧିଦଳ ସହିତ ସାକ୍ଷାତ କରି ଅନୁଗୋଳ ବନ୍ଧଲା ଅଞ୍ଚଳର ବହୁ ପ୍ରତୀକ୍ଷିତ ହିଡିସିଙ୍ଗ ଜଳପ୍ରକଳ୍ପର ନିର୍ମାଣ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟର ଅନୁମୋଦନ କାର୍ଯ୍ୟକୁ ତ୍ୱରାନିତ କରିବା ନିମନ୍ତେ ଆଲୋଚନା କରିଥିଲେ । ଯାହା କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟର ଅନୁମୋଦନର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ପାରିଛି । ଏହି ପ୍ରକଳ୍ପ ନିର୍ମାଣ ହେଲେ ବନ୍ଧଲା ତଥା ଆଖପାଖ ଅଞ୍ଚଳର ଚାଷ ଜମି କୁ ପାଣି ମିଳିବ ଓ ଚାଷୀ ଭାଇ ଓ ଭଉଣୀ ମାନେ ନିଜର ଜମିକୁ ଚାଷ କରି ଉପକୃତ ହେବା ସଙ୍ଗେ ସଙ୍ଗେ ରାଜ୍ୟର ଖାଉଟି ଅଭାବକୁ ଦୁର କରିପାରିବେ ବୋଲି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଧାନ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏହି ସାକ୍ଷାତକାରରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ପ୍ରଭାତ ପ୍ରଧାନ, ବିଜେପି ନେତା ଶ୍ରୀ ଦୁଃଖବନ୍ଧୁ ସାହୁ, ବିଜେପି ନେତା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଶ୍ରୀ ହାଡିବନ୍ଧୁ ଦେହୁରୀ, ବିଜେପି ଓବିସି ମୋର୍ଚ୍ଚା ର ଜିଲ୍ଲା ସଭାପତି ଶ୍ରୀ ସରୋଜ ଜେନା, ବିଜେପି ନେତା ଶ୍ରୀ ଶେଷଦେବ ସାହୁ, ଶ୍ରୀ ଅମୂଲ୍ୟ ପ୍ରଧାନ, ଶ୍ରୀ ଗୋବିନ୍ଦ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ ।

# ପାରାଦୀପ ଡମ୍ଫର ମାଲିକ ସଂଘ ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ଯୋଗ ଦେଲେ ମହିମାନନ୍ଦ ମିଶ୍ର

**ପାରାଦୀପ, ୨୧।୧ (ନି.ପ୍ର):** ପ୍ରତିବର୍ଷ ଭଳି ଚଳିତ ବର୍ଷ ପାରାଦୀପ ଡମ୍ଫର ମାଲିକ ସଂଘ ର ବନ୍ଧୁମିଳନ କାର୍ଯ୍ୟକ୍ରମ ଗଲ୍ଫ ପଡିଆରେ ମହା ଆଡମ୍ବର ରେ ପାଳିତ ହୋଇ ଯାଇଛି । ଡମ୍ଫର ମାଲିକ ସଂଘ ର ସଭାପତି ବିଜୟ କୁମାର ନାୟକ (ସଦା) ଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଓଏସଏଲ ଗ୍ରୁପର ମ୍ୟାନେଜିଙ୍ଗ ଡାଇରେକ୍ଟର ତଥା ପାରାଦୀପ ଷ୍ଟିଭେଡୋର ଆସୋସିଏସନ ର ସଭାପତି ମହିମାନନ୍ଦ ମିଶ୍ର ଯୋଗ ଦେଇ କାର୍ଯ୍ୟକ୍ରମ କୁ ଭୂୟସୀ ପ୍ରଶଂସା କରିବାସହ ସମସ୍ତଙ୍କର ଉତ୍ତୋରତ୍ତର କାମନା କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଓଏସଏଲ ର ଡାଇରେକ୍ଟର ଚର୍ଚ୍ଚିତ ମିଶ୍ର, ଷ୍ଟିଭେଡୋର ଆସୋସିଏସନ ର ସମ୍ପାଦକ



ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଷ୍ଟିଭେଡୋର ଆସୋସିଏସନ ର ଉପସଭାପତି ଅକ୍ଷୟ କୁମାର ସୂତାର, ସହ -ସମ୍ପାଦକ ଧର୍ମେନ୍ଦ୍ର ପତି, ଟୁକୁନ ଧଳ, ଅରିନ୍ଦମ ସର୍ଖେଲ (ବାପି )ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ର ମଜା ନେବାସହ ଭାଇଚାରା ବଜାଇ ରଖିବାକୁ ପ୍ରେରଣା ଦେଇଥିଲେ । ସଂଘର ସଭାପତି ଅତିଥି ମାନଙ୍କୁ ପାଛୋଟି ଆଣିବାସହ ଉତ୍ତରୀ ଓ ପୁଷ୍ପଗୁଚ୍ଛ ଦେଇ ସଂମ୍ମାନିତ କରିଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ରଙ୍ଗା ରଙ୍ଗ ମେଲୋଡି କାର୍ଯ୍ୟକ୍ରମ କୁ ସପରିବାରେ ମଜା ନେଇଥିଲେ ଏବଂ ଗୀତର ତାଳେ ତାଳେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ସମସ୍ତେ ମସଗୁଲ ଥିଲେ କାର୍ଯ୍ୟକ୍ରମ କୁ ଉପଭୋଗ କରିବାସହ ଆୟୋଜିତ ହୋଇଥିବା ସୁସ୍ୱାଦୁ ଭୋଜନର ମଜାନେଇ ମେଲୋଡି କାର୍ଯ୍ୟକ୍ରମ କୁ ବେଶ ମନଭରି ଉପଭୋଗ କରିଥିଲେ । ସଭାପତି ପ୍ରତ୍ୟେକ ପରିବାରର ମାଆ । ମାନଙ୍କ ପାଇଁ ପଠାଉଥିବା ଉପହାର ସମସ୍ତେ ପାଉଛନ୍ତି କି ନାହିଁ ପ୍ରଶ୍ନ କରିବାସହ ଯଦି କେହି ବଞ୍ଚିତ ଅଛନ୍ତି ସେମାନେ ଉପହାର ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଏ ପରିକି ସଭାପତି ସମସ୍ତଙ୍କ ମନରେ ଉତ୍ସାହ ଆଣି ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ମେଲୋଡି ରେ ଯୋଉମାନେ ଭଲ ନୃତ୍ୟ ପଦର୍ଶନ କରିବେ ସେମାନଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରିଥିଲେ ଯାହାକି କାର୍ଯ୍ୟକ୍ରମକୁ ରୁଦ୍ଧିମନ୍ତ କରିଥିଲା ସଭାପତି ଙ୍କ ପ୍ରତିବର୍ଷ ନୂଆ । ନୂଆ । ପ୍ରୟାସ କୁ ସପରିବାରେ ସ୍ୱାଗତ କରିବା ଏବଂ ଗୋଟିଏ ସୂତାରେ ଶ୍ରୀ ନାୟକ ବାନ୍ଧି ରଖିଥିବାରୁ ସଂଘର କର୍ମକର୍ତ୍ତା ମାନେ ସଭାପତି ଙ୍କ ଗୁଣ ଗାନ କରିଥିଲେ ଶେଷରେ ସଭାପତି ଶ୍ରୀ ନାୟକ ସମସ୍ତଙ୍କୁ ନୂତନବର୍ଷ ର ଅଭିନନ୍ଦନ ଜଣାଇବା ସହ ଭାଇଚାରା ବଜାଇ ରଖିବାକୁ ନିବେଦନ କରିଥିଲେ ଦୁଇ କୃତି ମହିଳା ଙ୍କୁ ପାଞ୍ଚ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯାଇଛି ।

# ବିଜେପି ରାଷ୍ଟ୍ରୀୟ ସଭାପତି ନିତିନ ନବୀନଙ୍କୁ ଅନୁଗୁଳ ଜିଲ୍ଲା ବିଜେପି ପକ୍ଷରୁ ଅଭିନନ୍ଦନ

**ଅନୁଗୁଳ, ୨୧।୧ (ନି.ପ୍ର) :** ବିଶ୍ୱର ସବୁଠାରୁ ବଡ଼ ୧୬ କୋଟି ସଦସ୍ୟ ଥିବା ଭାରତୀୟ ଜନତା ପାର୍ଟି ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ନିତିନ ନବୀନ । ୪୫ ବର୍ଷ ବୟସରେ ସେ ବିଜେପି ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଆଜି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଉପସ୍ଥିତି ରେ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି ସମଗ୍ର ଦେଶରୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଙ୍କ ପ୍ରତି ଶୁଭେଚ୍ଛା ର ସୁଅ ଛୁଟି ଚାଲିଛି । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ରାଷ୍ଟ୍ରୀୟ ସଭାପତି ନିତିନ ନବୀନ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ୪୫ ବର୍ଷ ବୟସର ଜଣେ ଯୁବକ ସାଧାରଣ କାର୍ଯ୍ୟକର୍ତ୍ତାଙ୍କୁ ବିଶ୍ୱର ସବୁଠୁ ବଡ଼ ରାଜନୈତିକ ପାର୍ଟି ବିଜେପିର ରାଷ୍ଟ୍ରୀୟ ସଭାପତି କରାଯିବା ଏହା କେବଳ ବିଜେପି ରେ ସମ୍ଭବ ବୋଲି ସେ କହିଛନ୍ତି । ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ପ୍ରାକ୍ତନ ଜିଲ୍ଲାସଭାପତି ଦିଲେଶ୍ୱର ପ୍ରଧାନ, ଜୋନାଲ ମିଡ଼ିଆ । ସେଲ ସଂଯୋଜକ ପର୍ଶୁରାମ ବାରିକ ଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ନୂତନ ରାଷ୍ଟ୍ରୀୟ ସଭାପତି ନିତିନ ନବୀନ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଆମାଜନ ରେ ଦୈନନ୍ଦିନ ସାମଗ୍ରୀ ଉପରେ ୮୦% ପର୍ଯ୍ୟନ୍ତ ରିହାତି

**ଭୁବନେଶ୍ୱର, ୨୧।୧ (ନି.ପ୍ର) :** ଆମାଜନ ଏବେ ଫ୍ୟାଶନ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ବହୁତ ବଡ଼ ରିହାତି ପ୍ରଦାନ କରୁଛି । 'ଗ୍ରେଟ୍ ରିପବ୍ଲିକ୍ ଡେ ସେଲ୍ ୨୦୨୬' ଅବସରରେ ଗ୍ରାହକମାନେ ମାତ୍ର ୯୯ ଟଙ୍କାରୁ ନିଜ ପସନ୍ଦର ଜିନିଷ କିଣିବା ଆରମ୍ଭ କରିପାରିବେ । ଏହି ସେଲ୍‌ରେ ସାମଗ୍ରୀଗୁଡ଼ିକ ଉପରେ ୮୦% ପର୍ଯ୍ୟନ୍ତ ଛାଡ଼ ସହିତ ୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ମଧ୍ୟ ମିଳୁଛି । ବିଶେଷ କରି, ଯଦି ଆପଣ ପ୍ରଥମ ଥର ପାଇଁ ଆମାଜନ୍‌ରୁ କିଛି ଅର୍ଡର କରୁଛନ୍ତି, ତେବେ ଆପଣଙ୍କୁ ଅଲଗା ଭାବେ ୫୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ମିଳିବ । କମ୍ ଦାମରେ ଭଲ ଏବଂ ଟ୍ରେଣ୍ଡି ଜିନିଷ ଯୋଗାଇଦେଇ ଆମାଜନ୍ ଏବେ ସବୁ ବର୍ଗର ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରୁଛି ।

ଆମାଜନ୍ ସେଲ୍‌ରେ ଏବେ ଖୁବ୍ କମ୍ ଦାମରେ ଅନେକ ଭଲ ଜିନିଷ ମିଳୁଛି । ଆପଣ ମାତ୍ର ୫୩୫ ଟଙ୍କାରେ ଷ୍ଟାଇଲିସ୍ ସ୍ନିକର୍ ପାଇପାରିବେ, ଯାହା ଚାଲିବା ଏବଂ ଦୌଡ଼ିବା ପାଇଁ ଖୁବ୍




ଆରାମଦାୟକ । ସେହିପରି ମାତ୍ର ୨୫୩ ଟଙ୍କାରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସୁନ୍ଦର ଘଂଟା ମିଳୁଛି । ଘରକରଣା ଜିନିଷ ମଧ୍ୟରେ, ଆଲମାରୀକୁ ସଜାଡ଼ି ରଖିବା ପାଇଁ ଅର୍ଗାନାଇଜର ଏବଂ ରୋଷେଇ ପାଇଁ ଷ୍ଟେନଲେସ୍ ଷ୍ଟିଲ୍ ଛୁରୀ ସେଟ୍, ପ୍ରତ୍ୟେକଟି ମାତ୍ର ୧୯୯ ଟଙ୍କାରେ ଉପଲବ୍ଧ । କମ୍ ବଜେଟ୍‌ରେ ଉତ୍ତମ ମାନର ଜିନିଷ କିଣିବା ପାଇଁ ଏହା ଏକ ବଢ଼ିଆ ସୁଯୋଗ ।

ଆପଣଙ୍କ ଦୈନନ୍ଦିନ ଜୀବନକୁ ସହଜ କରିବା ପାଇଁ ଆମାଜନ ପ୍ରାଇମ୍ ଏବେ ଦମଦାର ଅଫର ଆଣିଛି । ପ୍ରାଇମ୍ ସଦସ୍ୟ ହେଲେ ଆପଣ ଲକ୍ଷ ଲକ୍ଷ ସାମଗ୍ରୀ ଉପରେ ମାଗଣା ଏବଂ ଦ୍ରୁତ ଡେଲିଭରି (ସମାନ ଦିନ କିମ୍ବା ୪ ଘଂଟା ମଧ୍ୟରେ) ସୁବିଧା ପାଇପାରିବେ । ଏହା ସହିତ ପ୍ରାଇମ୍ ଭିଡିଓରେ ମନପସନ୍ଦର ଫିଲ୍ମ ଏବଂ ଆମାଜନ ମ୍ୟୁଜିକ୍‌ରେ ବିଜ୍ଞାପନ-ମୁକ୍ତ ଗୀତର ମଜା ନେଇପାରିବେ । ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କଲେ ସବୁ କିଣାକିଣି ଉପରେ ୫% କ୍ୟାସବ୍ୟାକ୍ ମଧ୍ୟ ମିଳିବ । ତେବେ ଏଥିପାଇଁ ଆପଣଙ୍କ ପାଇଁ ତିନୋଟି ବାର୍ଷିକ ପ୍ଲାନର ସୁବିଧା ରହିଛି, ଯେଉଁଥିରେ ୧,୪୯୯ ଟଙ୍କାର ବାର୍ଷିକ ପ୍ରାଇମ୍ ସଦସ୍ୟତା ରେ ସମ୍ପୂର୍ଣ୍ଣ ସପିଂ ଏବଂ ମନୋରନ ପ୍ରାଇମ୍ ଲାଭ ପାଇବେ ।

# ୟୁଟିଆଇ ଲାର୍ଜ ଏବଂ ମିଡ୍ କ୍ୟାପ୍ ଫଣ୍ଡ ଏକ ବିବିଧ ନିବେଶ ପୋର୍ଟଫୋଲିଓ ପ୍ରଦାନ କରେ

**ଭୁବନେଶ୍ୱର, ୨୧।୧ (ନି.ପ୍ର) :** ୟୁଟିଆଇ ଲାର୍ଜ ଏବଂ ମିଡ୍ କ୍ୟାପ୍ ଫଣ୍ଡ ଏକ ବିବିଧ ନିବେଶ ପୋର୍ଟଫୋଲିଓ ପ୍ରଦାନ କରେ ଏବଂ ଏପରି ଭଲ କମ୍ପାନୀଗୁଡ଼ିକରେ ନିବେଶ କରିବାକୁ ଲକ୍ଷ୍ୟ ରଖେ ଯାହା ସେମାନଙ୍କର ପୂର୍ବ ବ୍ୟବସାୟୀକ କ୍ରମ କିମ୍ବା ସମକକ୍ଷ ତୁଳନାରେ ଉତ୍ତମ ବ୍ୟବସାୟ ମାଧ୍ୟମରେ ସୁରକ୍ଷିତ ମାର୍ଜିନ୍ ପ୍ରଦାନ କରିଥାଏ । ସେବି ତରଫରୁ ମ୍ୟୁଚୁଆଲ୍ ଫଣ୍ଡର ବର୍ଗୀକରଣ ଅନୁସାରେ, ଲାର୍ଜ ଏବଂ ମିଡ୍ କ୍ୟାପ୍ ଫଣ୍ଡଗୁଡ଼ିକ ଲାର୍ଜ କ୍ୟାପ୍ ଏବଂ ମିଡ୍ କ୍ୟାପ୍ କମ୍ପାନୀଗୁଡ଼ିକର ଇକ୍ୱିଟି ଓ ଇକ୍ୱିଟି ସମ୍ବନ୍ଧୀୟ ଉପକରଣଗୁଡ଼ିକରେ ସର୍ବନିମ୍ନ ୩୫% ନିବେଶ କରନ୍ତି । ଏହି ଫଣ୍ଡ ଲାର୍ଜ କ୍ୟାପ୍ କମ୍ପାନୀଗୁଡ଼ିକ ପ୍ରତି ପକ୍ଷପାତିତା ସହିତ ସ୍ଥିରତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖେ ଏବଂ ମଧ୍ୟ ଏବଂ କ୍ଷୁଦ୍ର କ୍ୟାପ୍ କମ୍ପାନୀଗୁଡ଼ିକରେ ନିବେଶ ମାଧ୍ୟମରେ ପୋର୍ଟଫୋଲିଓରେ ଉଚ୍ଚ ଅଭିବୃଦ୍ଧି ପ୍ରଦାନ କରେ ।

ଭାଲ୍ୟୁ ଇନଭେଷ୍ଟମେଣ୍ଟ ହେଉଛି ଏକ ରଣନୀତି ଯେଉଁଥିରେ ଏପରି ଷ୍ଟକ୍ ବାଛିବା ଅନ୍ତର୍ଭୁକ୍ତ ଯାହା ସେମାନଙ୍କର ଆଂରିକ ମୂଲ୍ୟଠାରୁ କମ୍ ମୂଲ୍ୟରେ ବାଣିଜ୍ୟ କରୁଛି । ବଜାରଗୁଡ଼ିକ ପ୍ରାୟତଃ ସ୍ୱଳ୍ପକାଳୀନ ଖବର ପ୍ରବାହ କିମ୍ବା ଭାବନା ପ୍ରତି ଅଧିକ ପ୍ରତିକ୍ରିୟା ପ୍ରକାଶ କରେ, ଯାହା ଭାଲ୍ୟୁ ଇନଭେଷ୍ଟରଙ୍କୁ ଏହାର ଆନ୍ତରିକ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ଏକ ଷ୍ଟକ୍ କିଣିବାର ସୁଯୋଗ ଦିଏ । ଆନ୍ତରିକ ମୂଲ୍ୟ ତଳେ କିଣିବା ଦ୍ୱାରା ନିରାପତ୍ତାର ମାର୍ଜିନ୍ ପ୍ରଦାନ କରେ, ଯାହା ମୂଲ୍ୟ ନିବେଶର ଭିନ୍ନ ବୈଶିଷ୍ଟ୍ୟ ଅଟେ । କମ୍ ମୂଲ୍ୟାଙ୍କନରେ ଏକ ଷ୍ଟକ୍ କ୍ରୟ କରି, ଭାଲ୍ୟୁ ଇନଭେଷ୍ଟର ଟଙ୍କା ରୋଜଗାର କରିବା କିମ୍ବା କମ୍ ଟଙ୍କା ହରାଇବାର ସମ୍ଭାବନା ବୃଦ୍ଧି କରେ ଯଦି ବ୍ୟବସାୟ ଆଶାନୁରୂପ ପ୍ରଦର୍ଶନ କରେ ନାହିଁ କିମ୍ବା କାର୍ଯ୍ୟ କରିବାକୁ ଅଧିକ ସମୟ ଲାଗେ । ଭାଲ୍ୟୁ ଇନଭେଷ୍ଟରମାନେ ଅଭିବୃଦ୍ଧି ଅପେକ୍ଷା ସୁରକ୍ଷାର ସୀମା ଉପରେ ଗୁରୁତ୍ୱ ଦିଅନ୍ତି, ବ୍ୟବସାୟ ମୌଳିକତା ଓ ମୂଲ୍ୟାଙ୍କନରେ ଚକ୍ରାକାରିତା ଏବଂ ମଧ୍ୟମ ପ୍ରତ୍ୟାବର୍ତ୍ତନର ସମ୍ଭାବନାକୁ ଗ୍ରହଣ

ଉତ୍ତି
UTI Mutual Fund

କରନ୍ତି । ଯେତେବେଳେ ଷ୍ଟକ୍ ଆଂରିକ ମୂଲ୍ୟରେ କାରବାର କରେ - ବ୍ୟବସାୟ ମୌଳିକତା ଏବଂ ମୂଲ୍ୟାଙ୍କନରେ ଉନ୍ନତିର ସମ୍ଭାବନାକୁ କବଜା କରେ, ସେତେବେଳେ ଭାଲ୍ୟୁ ଇନଭେଷ୍ଟର ଟଙ୍କା ରୋଜଗାର କରନ୍ତି ।

ପାଣ୍ଡି ଯୁକ୍ତିଯୁକ୍ତ ସମ୍ଭାବନା ସହିତ ନିମ୍ନରେ ମୂଲ୍ୟାଙ୍କନରେ ଉପଲବ୍ଧ କ୍ଷେତ୍ରଗୁଡ଼ିକୁ ବାଛିବା ପାଇଁ ଏକ ଉପର ତଳ ପଦ୍ଧତି ଅନୁସରଣ କରେ । ଏହା ଯୁକ୍ତିଯୁକ୍ତ ଆପେକ୍ଷିକ ମୂଲ୍ୟାଙ୍କନ ସହିତ ସୁଦୃଢ଼ ବ୍ୟବସାୟଗୁଡ଼ିକୁ ବାଛିବା ପାଇଁ ଏକ ତଳ ଉପର ପଦ୍ଧତି ଅନୁସରଣ କରେ, ଏକ ସୁସ୍ଥ ଅତୀତ ଟ୍ରାକ୍ ରେକର୍ଡ ଏବଂ ଭବିଷ୍ୟତର ଅଭିବୃଦ୍ଧିର ସମ୍ଭାବନାକୁ ବିଚାରକୁ ନିଆଯାଇଥାଏ । ପାଣ୍ଡିର ମୂଳ ବିଶ୍ୱାସ ହେଉଛି ଯେ ଏକ କମ୍ପାନୀ ନିଜର ମୂଲ୍ୟାଙ୍କନ ଚକ୍ର ଦେଇ ଗତି କରେ ଯାହା ମାକ୍ରୋ ଚକ୍ର କିମ୍ବା କମ୍ପାନୀ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ଭିନ୍ନ ହୋଇପାରେ, ଏବଂ ଏହାର ଲକ୍ଷ୍ୟ ହେଉଛି ଚକ୍ରରେ ଅଦକ୍ଷତାକୁ କବଜା କରିବା । ଯଦି ମୂଲ୍ୟାଙ୍କନ ଆରାମଦାୟକ କ୍ଷେତ୍ରରେ ଥାଏ ତେବେ ଏହା ଅଭିବୃଦ୍ଧିମୁଖୀ କମ୍ପାନୀଗୁଡ଼ିକ ପ୍ରତି ମଧ୍ୟ ଦୃଷ୍ଟି ଦେବ ।

ପାଣ୍ଡିର ନିବେଶ ରଣନୀତି ତିନୋଟି ନୀତି ଉପରେ ନିର୍ମିତ: ଇତିହାସ କିମ୍ବା ସମକକ୍ଷଙ୍କ ତୁଳନାରେ ଆପେକ୍ଷିକ ମୂଲ୍ୟାଙ୍କନ, ଯୁକ୍ତିଯୁକ୍ତ ମୂଲ୍ୟାଙ୍କନରେ ଅଭିବୃଦ୍ଧି ସୁଯୋଗ ଏବଂ ମଧ୍ୟମ ପ୍ରତ୍ୟାବର୍ତ୍ତନ । ପାଣ୍ଡି ଗୁଣାତ୍ମକ କମ୍ପାନୀଗୁଡ଼ିକ ଉପରେ ଧ୍ୟାନ ଦିଏ ଯାହାର ଆପେକ୍ଷିକ ମୂଲ୍ୟାଙ୍କନ ସେମାନଙ୍କର ଐତିହାସିକ ମୂଲ୍ୟାଙ୍କନ କିମ୍ବା ସେମାନଙ୍କ ସମକକ୍ଷଙ୍କ ମୂଲ୍ୟାଙ୍କନଠାରୁ କମ୍, ସୁରକ୍ଷାର ମାର୍ଜିନ୍ ପ୍ରଦାନ କରେ । ପାଣ୍ଡି ମଧ୍ୟ ଅଭିବୃଦ୍ଧିମୁଖୀ ଷ୍ଟକ ଗୁଡ଼ିକୁ ଦେଖେ ଯାହା ଯୁକ୍ତିଯୁକ୍ତ ମୂଲ୍ୟାଙ୍କନରେ ବାଣିଜ୍ୟ କରୁଛି । ଏହି ପରିପ୍ରେକ୍ଷୀରେ, ସ୍ମଲ୍ କ୍ୟାପ୍ସ ବୃଦ୍ଧି ଏବଂ ମୂଲ୍ୟର ମିଶ୍ରଣ ପ୍ରଦାନ କରିପାରିବ କାରଣ ସେଗୁଡ଼ିକୁ ବଜାର ଭଲ ଭାବରେ ଆବିଷ୍କାର କରିନଥାଏ ଏବଂ ଭଲ ଗୁଣବତ୍ତା କମ୍ପାନୀଗୁଡ଼ିକ ଯୁକ୍ତିଯୁକ୍ତ ମୂଲ୍ୟାଙ୍କନରେ ଉପଲବ୍ଧ ହୋଇପାରିବ । ଏହି ରଣନୀତି ଏପରି ବ୍ୟବସାୟଗୁଡ଼ିକୁ ବାଛିବାକୁ ମଧ୍ୟ ଚେଷ୍ଟା କରେ ଯାହାର ମୂଲ୍ୟାଙ୍କନ କମ ହୋଇଥାଏ ଓ ସମୟ ସହିତ ଲାଭଦାୟକତା ଏବଂ ମୂଲ୍ୟାଙ୍କନରେ ମଧ୍ୟମ ପରିବର୍ତ୍ତନରୁ ଲାଭ ପାଏ ।

